Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



**ଆବଶ୍ୟକ**

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

+Vol - 20+ Issue No:7+24 April 2024 (Wednesday) + Rourkela + Rs.2.00 + Page -1 +୨୦ ବର୍ଷ +ସଂଖ୍ୟା :୭+୨୪ ଏପ୍ରିଲ ୨୦୨୪ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

# ପ୍ରଥମ ପର୍ଯ୍ୟାୟ ମତଦାନରେ ବିଜେପିକୁ ଝଟକା

## ବାଜି ଜିତିବା ପାଇଁ ବଦଳିଲା ରଣନୀତି



### ଲାଗୁ ହେବ ମାଷ୍ଟରପ୍ଲାନ

ନୂଆଦିଲ୍ଲୀ, ୨୩/୪: ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଯାଇଛି । ବର୍ତ୍ତମାନ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଜାରି ରହିଛି । ତେବେ ଏପ୍ରିଲ ୨୬ ତାରିଖରେ ହେବାକୁ ଥିବା ଏହି ପର୍ଯ୍ୟାୟରେ ମୋଟ ୮ଟି ସିଟ ପାଇଁ ମତଦାନ କରାଯିବ । ତେବେ ପ୍ରଥମ ପର୍ଯ୍ୟାୟ ମତଦାନକୁ ନେଇ ଚିନ୍ତାରେ ପଡ଼ିଯାଇଛି ଭାରତୀୟ ଜନତା ପାର୍ଟି । ଉତ୍ତର ପ୍ରଦେଶରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟିଂରେ ୮ଟି ଆସନରୁ ୫ଟି ଲୋକସଭା ଆସନରେ ୬୦ ପ୍ରତିଶତରୁ ବି କମ୍ ଭୋଟ ଗ୍ରହଣ କରାଯାଇଛି । ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ବିଜେପି ନୂଆ ମାଷ୍ଟରପ୍ଲାନ କରୁଛି । ଏଥିପାଇଁ ଭର୍ଚୁଆଲ ମିଟିଂ ଜରିଆରେ କିଛି ବଡ଼ ନିଷ୍ପତ୍ତି ନେଇଛି ବିଜେପି । ଏହି ପର୍ଯ୍ୟାୟରେ ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ୧୦ଟି ଭୋଟ ଆଣିବା ପାଇଁ ଦାୟିତ୍ୱ ଦେଇଛି ଭାରତୀୟ ଜନତା ପାର୍ଟି । ଆସନ୍ତା ପର୍ଯ୍ୟାୟରେ ମତଦାନ ପ୍ରତିଶତ ବୃଦ୍ଧି କରିବା ଉପରେ ଦଳ ଫୋକସ କରିଛି । ତେଣୁ ମଣ୍ଡଳ ଅଧ୍ୟକ୍ଷଙ୍କ ଠାରୁ ଦଳର ବଡ଼ ବଡ଼ ନେତାଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇ ରଣନୀତି ପ୍ରସ୍ତୁତ କରାଯାଇଛି । ପାର୍ଟିର କାର୍ଯ୍ୟକର୍ତାମାନଙ୍କୁ ମତଦାନ ଦିନ ଭୋଟରଙ୍କ ସହ ସମ୍ପର୍କ କରି ସେମାନଙ୍କୁ ବୁଥରେ ପହଚାଂଇବା ପାଇଁ କାମ ଦେଇଛି ବିଜେପି । ତେବେ କାର୍ଯ୍ୟକର୍ତ୍ତାଙ୍କ ସମେତ ପନ୍ନା ପ୍ରମୁଖ ମଧ୍ୟ ଜଣେ ଜଣେ ଭୋଟରଙ୍କ ସହ ସମ୍ପର୍କ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ମତଦାନ ପୂର୍ବରୁ ୨-୩ ଥର ଭୋଟରଙ୍କ ସହ ସମ୍ପର୍କ କରିବା ସହ ବାହାରେ ରହୁଥିବା ଭୋଟରଙ୍କ ଲିଷ୍ଟ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ କୁହାଯାଇଛି । ଏହାପରେ ସେମାନଙ୍କୁ ଘରକୁ ଡକାଇବା ପାଇଁ ମଧ୍ୟ ପ୍ରୟାସ କରାଯିବା ଉଚିତ୍ । ପାର୍ଟିର ବରିଷ୍ଠ ନେତାଙ୍କୁ ଶକ୍ତିକେନ୍ଦ୍ରରୁ ଏହି ଅଭିଯାନକୁ ପରିଚାଳନା କରିବା ପାଇଁ କୁହାଯାଇଛି । ଉତ୍ତରପ୍ରଦେଶରେ ରାଜ୍ୟର ସମସ୍ତ ବୁଥ, ଜିଲ୍ଲା ଏବଂ ଅଚଂଳର ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଜେପିର ବରିଷ୍ଠ ନେତା । ସେହିପରି ଦଳିତ ଭୋଟରମାନଙ୍କୁ ମଧ୍ୟ ମତଦାନ କେନ୍ଦ୍ରକୁ ଆଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିଷ୍ପତି ନିଆଯାଇଛି ।

# ମାତ୍ର ୧୦୦ ଟଙ୍କା ପାଇଁ ପୁଅକୁ ହାଣିଲା ବାପା...



କଟକ, ୨୩/୪ (ନି/ପ୍ର): କଟକ ଜିଲ୍ଲା ମାହାଙ୍ଗା ଥାନା ଲଳିତଗିରି ଗାଁରେ ଅଭାବନୀୟ ଘଟଣା ଘଟିଛି । ମାତ୍ର ୧୦୦ ଟଙ୍କା ପାଇଁ ପୁଅକୁ ହାଣିଲା ବାପା । ସୂଚନା ମୁତାବକ ସୋମବାର ମାତ୍ର ୧୦୦ ଟଙ୍କା ପାଇଁ ବାପା ମାନସ ବେହେରା ଏବଂ ତାଙ୍କ ପୁଅ ମଧ୍ୟରେ ବଚସା ହୋଇଥିଲା । ଆଉ ବଚସା ଏତେ ଉଗ୍ର ରୂପ ଧାରଣ କରିଥିଲା ଯେ ନିଜ ପୁଅକୁ ହତ୍ୟା କରିବାକୁ ପଛାଇ ନଥିଲା ବାପା । ଉଭୟଙ୍କ ମଧ୍ୟରେ ଝଗଡା ଲାଗିବା ପରେ ପୁଅ ରାତିରେ ଶୋଇଥିବାବେଳେ ଅଭିଯୁକ୍ତ ମାନସ ଏକ କଟୁରୀରେ ହାଣି ଦେଇଥିଲା । ପୁଅର ଚିତ୍କାର ଶୁଣି ଗ୍ରାମବାସୀ ମାନେ ଦୌଡି ଆସି ଅଭିଯୁକ୍ତ ମାନସକୁ କାବୁ କରିଥିଲେ । ଏବଂ ଗୁରୁତର ଅବସ୍ଥାରେ ପୁଅକୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ପୁଲିସ ଘଟଣାରେ ମାନସକୁ ଗିରଫ କରିବା ସହ ତଦନ୍ତ ଚଳାଇଛି ।

# ଗ୍ୟାଙ୍ଗଷ୍ଟର ରବି କାଣା ଥାଇଲାଣ୍ଡରୁ ଗିରଫ



ନୋଏଡା, ୨୩/୪: ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗର ପୁଲିସ କମିସନରେଟକୁ ବଡ଼ ସଫଳତା ମିଳିଛି । ଥାଇଲାଣ୍ଡର ବ୍ୟାଙ୍କକରୁ ସ୍କ୍ରାପ୍ ମାଫିଆ ତଥା କୁଖ୍ୟାତ ଗ୍ୟାଙ୍ଗଷ୍ଟର ରବି କାଣାକୁ ଗିରଫ କରାଯାଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଫେରାର ଥିବା ରବିକୁ ଥାଇଲାଣ୍ଡରେ ଗିରଫ କରାଯାଇଛି ଏବଂ ଖୁବଶୀଘ୍ର ନୋଏଡା ପୁଲିସ ତାକୁ ଭାରତ ଆଣିବ । ସେପଟେ ଗ୍ୟାଙ୍ଗଷ୍ଟର ରବି କାଣା ବିରୋଧରେ ନୋଏଡା ପୁଲିସର ଅଭିଯାନ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୧୨୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ପୁଲିସ ଜବତ କରିସାରିଛି । ନିକଟରେ ପୁଲିସ ତା

# ମୋକିମଙ୍କୁ ମିଳିଲା ଆଶ୍ୱସ୍ତି



ଭୁବନେଶ୍ୱର, ୨୩/୪ (ନି/ପ୍ର): କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟଙ୍କ ଠାରୁ ଜାମିନ ମିଳିଛି । ଓଆରଏଚଡିସି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ମୋକିମଙ୍କ ଆବେଦନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି । ଆବେଦନକୁ ଗ୍ରହଣ କରିବା ପରେ ଭିଜିଲାନ୍ସକୁ କୋର୍ଟ ନୋଟିସ କରିଛନ୍ତି । ଏହି ମାମଲାରେ ମୋକିମ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଦ୍ୱାରସ୍ତ ହୋଇଥିଲେ

# ପୁଣି ତାଣ୍ଡବ କରିବ କାଳବୈଶାଖୀ

## ୧୫ ଜିଲ୍ଲାକୁ ହାଇ ଆଲର୍ଟ ଜାରି



ଭୁବନେଶ୍ୱର, ୨୩/୪ (ନି/ପ୍ର): ଆଜିଠାରୁ ଓଡ଼ିଶାରେ ଦେଖାଦେବ କାଳବୈଶାଖୀର ପ୍ରଭାବ । ଏହା ବିଶେଷ କରି ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ପଟେ ହେବାର ପାଣିପାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ରାଜ୍ୟର ୧୫ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଏବଂ ଘଡଘଡି ଆଶଙ୍କା ଥିବାରୁ ସତର୍କ ରହିବାକୁ ସୂଚନା ଦିଆଯାଇଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଚଂଳରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି କହିଛି ଭୁବନେଶ୍ୱର ଆଚଂଳିକ ପାଣିପାଗ କେନ୍ଦ୍ର । କାଳବୈଶାଖୀ ପରେ ରାଜ୍ୟରେ ଅସହ୍ୟ ଗରମରୁ ଆଶ୍ୱସ୍ତି ମିଳିପାରିବ ବୋଲି ମଧ୍ୟ ପଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

# ବାଜିଲାଣି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଘଟିଂ :



### ୨୪ ଘଟାଂ ମଧ୍ୟରେ ସମଗ୍ର ବିଶ୍ୱରେ ପରମାଣୁ ଉତେଜନା ବୃଦ୍ଧି

ନୂଆଦିଲ୍ଲୀ, ୨୩/୪: ତୃତୀୟ ବିଶ୍ୱଯୁଦ୍ଧର ଘଟିଂ ପୁଣି ଥରେ ବାଜିବାକୁ ଲାଗିଲାଣି । ଯୁଦ୍ଧ ଆଶଙ୍କା ଢେର ବୃଦ୍ଧି ପାଇଛି । ଗତ ୨୪ ଘଟାଂ ମଧ୍ୟରେ ସମଗ୍ର ବିଶ୍ୱରେ ପରମାଣୁ ଉତ୍ତେଜନା ଦେଖାଦେଇଛି । ଉତର କୋରିଆ, ଇରାନ, ପୋଲାଣ୍ଡ, ରୁଷ ଏବଂ ଏପରିକି ଆମେରିକାରେ ଆଣବିକ ବୋମା ବିଷୟରେ ଆଲୋଚନା ତୀବ୍ର ହୋଇଛି । ତୃତୀୟ ବିଶ୍ୱଯୁଦ୍ଧର ଶବ୍ଦ ସମଗ୍ର ବିଶ୍ୱରେ ତୀବ୍ର ହେବାରେ ଲାଗିଛି । ଗତ ୨୪ ଘଟାଂ ମଧ୍ୟରେ, ବିଶ୍ୱର ଅନେକ ସ୍ଥାନରେ ଅଦ୍ଭୁତ ପରମାଣୁ କାର୍ଯ୍ୟକଳାପମାନ ଦେଖିବାକୁ ମିଳିଛି । ଉତ୍ତର କୋରିଆ, ଇରାନ, ପୋଲାଣ୍ଡ, ରୁଷ ଏବଂ ଏପରିକି ଆମେରିକାରେ ପରମାଣୁ ବୋମା ବିଷୟରେ ଆଲୋଚନା ଆରମ୍ଭ ହୋଇଛି । ଗତ କିଛି ମାସ ଧରି ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ବଢୁଥିବା ଘନିଷ୍ଠତାକୁ ଉତ୍ତର କୋରିଆ ଧମକ ଦେଉଛି । ଦକ୍ଷିଣ କୋରିଆ ସେନା ସହିତ ଆମେରିକା ସେନା ଦ୍ୱାରା ପରିଚାଳିତ ଯୁଦ୍ଧ ଅଭ୍ୟାସ ପରେ ଉତ୍ତର କୋରିଆ ମଧ୍ୟ ଏହାର କ୍ଷେପଣାସ୍ତ୍ର ଏବଂ ଟ୍ୟାଙ୍କର ଶକ୍ତି ବିଶ୍ୱକୁ ଦେଖାଇଛି । ବର୍ତ୍ତମାନ ଏହି ଯୁଦ୍ଧ ଅଭ୍ୟାସର ଜବାବରେ ପରମାଣୁ କାଉଟଂର ଆକ୍ରମଣ ଡ୍ରିଲ ମଧ୍ୟ କରିଛି । ଅନ୍ୟପକ୍ଷରେ ଖୁବ ଶୀଘ୍ର ପରମାଣୁ ବୋମା ତିଆରି କରିବାକୁ ଇରାନର ସଂସଦରେ ଆଲୋଚନା ହୋଇଛି । ତେଣୁ ଆଣବିକ ବୋମା ବିଷୟରେ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ବିବୃତ୍ତି ପରେ ତୁରନ୍ତ ପୋଲାଣ୍ଡ ମଧ୍ୟ ଆମେରିକାର ଆଣବିକ ବୋମା ରଖିବାକୁ ରାଜି ହୋଇଛି ।

**ଆବଶ୍ୟକ**

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

# ବିପୁଳ ପରିମାଣର ଧଳାଜହର ଜବତ



### ୨ ଗିରଫ

ଭୁବନେଶ୍ୱର: ଅନୁଗୁଳ ପୁଲିସର ସହାୟତାରେ ଭୁବନେଶ୍ୱର ସ୍ପେଶାଲ ଟାକ୍ସ ଫୋର୍ସ (ଏସ୍‌ଟିଏଫ୍) ତାଳଚେର ଅଚଂଳରୁ ସୋମବାର ପୂର୍ବାହ୍ଣରେ ବିପୁଳ ପରିମାଣର ଧଳାଜହର ଜବତ କରିଛି । ଏହି ବେଆଇନ୍ କାରବାରରେ ସଂପୃକ୍ତ ଦୁଇ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ରକିବୁଲ ସେକ୍ (୪୩) ଓ ତାଳଚେରର ବିଜୟ ବୀରବର୍ମା (୨୬) ।ବେଆଇନ୍ ବ୍ରାଉନ୍ ?ସୁଗାର କାରବାର ନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତାଳଚେର ଅଚଂଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲା ଫରକ୍କା ଅର୍ଜୁନପୁର ଥାନା ଅଧୀନ ଖୋଡ଼ାବାନପୁର ସ୍ୱର୍ଗତଃ ମୁନ୍ତାଜା ଅଲିଙ୍କ ପୁଅ ରକିବୁଲ ଓ ଅନୁଗୁଳ ଜିଲ୍ଲା ତାଳଚେର ଥାନା ଅଧୀନ ତ୍ରିନାଥ କଲୋନିର ସ୍ୱର୍ଗତ ବୁଲୁ ବୀରବ୍ରହ୍ମାଙ୍କ ପୁଅ ବିଜୟଙ୍କ ଠାରୁ ୧୧୨୦ ଗ୍ରାମ୍ ବ୍ରାଉନସୁଗାର ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା । ପୁଲିସ ବ୍ରାଉନସୁଗାର ଜବତ ସହ ଏକ ମାମଲା ରୁଜୁ ସହ ଘଟଣାର ଅଧିକ ତଦନ୍ତ କରୁଛି ।ପୁଲିସ କହିଛି ଓଡ଼ିଶାକୁ ପଶ୍ଚିମବଙ୍ଗର ମୁର୍ସିଦାବାଦ୍ , ନଦିଆ ଓ ବର୍ଦ୍ଧମାନ ଜିଲ୍ଲାରୁ ମେଦିନାପୁର-

# ନିର୍ବାଚନ ପୂର୍ବରୁ ଦାୟିତ୍ୱ ବଟଂନ :




### ୧୩ ଜଣ ନେତାଙ୍କୁ ବିଭିନ୍ନ ପଦରେ ନିଯୁକ୍ତି ଦେଲେ ବିଜେଡି ସଭାପତି

ଭୁବନେଶ୍ୱର, ୨୩/୪(ନି/ପ୍ର): ଏପ୍ରିଲ ୧୯ରୁ ଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଥିବା ବେଳେ ମେ ୧୩ରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ମତଦାନ ଆରମ୍ଭ ହେବ । ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ବିଭିନ୍ନ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ଜାରି କରୁଥିବା ବେଳେ ଏହି ଅବସରରେ ନେତାଙ୍କର ଦଳ ବଦଳ ପ୍ରକ୍ରିୟା ଦେଖିବାକୁ ମିଳିଛି । ନିକଟରେ ବିଜେଡି ଲୋକସଭା ଓ ବିଧାନସଭା ପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ଜାରି କରିଥିବା ବେଳେ ଆଗକୁ ପୁଣି ତାଲିକା ଜାରି କରିବ । ନିକଟରେ ବିଜେଡିରେ ଅନେକ ନେତାଙ୍କୁ ନୂଆ ଦାୟିତ୍ୱ ମିଳିଥିବା ବେଳେ ଏହା ମଧ୍ୟରେ ପୁଣି ୧୩ ଜଣ ନେତାଙ୍କୁ ଦାୟିତ୍ୱ ବଟଂନ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଅନୁଗୁଳ, ପଦ୍ମପୁର, ଛେଣ୍ଡିପଦ ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ, ସହ-ପର୍ଯ୍ୟବେକ୍ଷକ, ନିର୍ବାଚନ ସହ-ପର୍ଯ୍ୟବେକ୍ଷକ ଭାବେ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଦଳରେ ଉପସଭାପତି, ସାଧାରଣ ସମ୍ପାଦକ, ସୋସିଆଲ ମିଡ଼ିଆ ଇନ-ଚାର୍ଜ, କାର୍ଯ୍ୟକାରୀ ସଭାପତି, ସେକ୍ରେଟାରୀ ଭାବେ କିଛି ନେତାଙ୍କୁ ଦାୟିତ୍ୱ ଦିଆଯାଇଛି ।

# ବିବିଧା



## ବହି ହିଁ ପ୍ରକୃତ ବନ୍ଧୁ

**ଆଜି ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ**

## ନବଜାଗରଣର ଆବାହକ: କବିବର ରାଧାନାଥ



## ନଭେମ୍ବର ୨୯ରେ 'ମେଟ୍ରୋ ଇନ୍ ଦିନୋ'





## ଫସଲର ପୋଷଣ ବୃଦ୍ଧି କରିବ ପରିବେଶ ଅନୁକୂଳ ମାଇକ୍ରୋଜେଲ୍








## ଆମ୍ବ ଓ ଲିଚୁ ଫାଟୁଥିଲେ...

## ମସ୍ତିଷ୍କରେ ଲଗାନ୍ତୁ ଲତାଗଛ





## କୃଷି ପାଣିପାଗ



ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୨୪ ଏପ୍ରିଲ ୨୦୨୪**

# ଝିଂଟିକା ମାରି ବଣି ପୋଷିବା

ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଥାଏ, ଯଦିଓ ଏହି ଆଖ୍ୟା ବିଧିବଦ୍ଧ ନୁହେଁ। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ଲୋକାଭିମୁଖୀ କରାଇବାରେ ଗଣମାଧ୍ୟମର ବଳିଷ୍ଠ ଭୂମିକା ଯୋଗୁଁ ଏପରି ଆଖ୍ୟା ଦିଆଯିବାରେ ଯଥାର୍ଥତା ରହିଥିବା ଅନୁଭବ କରନ୍ତି ବୁଦ୍ଧିଜୀବୀମାନେ। ସେ ଯାହାହେଉ, ଏହି ଭୂମିକା ନିର୍ବାହ କରିବା ପାଇଁ କିନ୍ତୁ ଗଣମାଧ୍ୟମକୁ ଅନେକ ପରିଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ। ଏଥିପାଇଁ ଏକ ମୁଖ୍ୟସ୍ରୋତର ଗଣମାଧ୍ୟମ କମ୍ପାନୀକୁ ବିବରଣୀ ପ୍ରସ୍ତୁତ କରିବା ବା ରିପୋର୍ଟିଂ ଏବଂ ସମ୍ବାଦ- ସଂଗ୍ରହ କରିବା, ତଥ୍ୟକୁ ଯାଚଂ କରିବା ଏବଂ ସମ୍ପାଦନା କରିବା ଏବଂ ଶେଷରେ ତାହାକୁ ଉତମ ରୂପେ ଅର୍ଥାତ୍ ପାଠକଙ୍କ ମନଲାଖି ପ୍ରସ୍ତୁତ କରିବା ନିମନ୍ତେ ପ୍ରଭୂତ ପରିମାଣର ସାଧନର ବ୍ୟବହାର/ନିବେଶ କରିବାକୁ ପଡ଼ିଥାଏ। ଏହାପରେ ଉପଯୁକ୍ତ ସମ୍ପାଦକୀୟ ପରିଶ୍ରମ ବା ଅଧ୍ୟବସାୟ ବଳରେ ଯେଉଁ ସମ୍ବାଦ ବା ମତାମତ ସୃଷ୍ଟି ହୋଇଥାଏ, ତାହା ପାଠକମାନଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାବଳୀଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ, ନୀତି ନିର୍ଦ୍ଧାରକମାନଙ୍କ ସମ୍ମୁଖରେ କାର୍ଯ୍ୟସୂଚୀ ଉପସ୍ଥାପନ କରିବା ସହିତ ସେମାନଙ୍କର ଆଚରଣ ଓ ଉଚ୍ଚାରଣକୁ ପରିଚାଳିତ କରିଥାଏ, ଯାହା ଗଣତନ୍ତ୍ରକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ମୁଖ୍ୟ ଉପାଦାନ ଭାବରେ ବିବେଚିତ ହୋଇଥାଏ। ପୁନଶ୍ଚ, ଝିଂଟିକା ଭଳି କାମ କରୁଥିବା ସମ୍ବାଦ ପ୍ରକାଶନ ସଂସ୍ଥାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସମ୍ବାଦସବୁକୁ ବଣି ଚଢ଼େଇ ଭଳି ଅର୍ଥାତ୍ ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଗଣମାଧ୍ୟମ କମ୍ପାନୀମାନେ ଯଥା ଗୁଗଲ୍ ବା ଫେସ୍‌ବୁକ୍ ସେମାନଙ୍କ ମଚଂରେ ପରିବେଷଣ କରିଥାନ୍ତି। ଆଉ ଏହାପରେ ବିଜ୍ଞାପନଦାତାମାନେ, ଯେଉଁମାନଙ୍କର କିଛି ବିଜ୍ଞାପନ ନିମନ୍ତେ ପ୍ରଦନ୍ନ ଅର୍ଥ ଉପରେ ସାଧାରଣତଃ ଛୋଟ ଛୋଟ ଗଣମାଧ୍ୟମ କମ୍ପାନୀଗୁଡ଼ିକ ନିର୍ଭର କରିଥାନ୍ତି, ମୁହଁ ଫେରାଇ ନିଅନ୍ତି ଅନ୍‌ଲାଇନ୍‌ରେ ସମ୍ବାଦ ପରିବେଷଣ କରୁଥିବା ଏହି ବଡ଼ ବଡ଼ କମ୍ପାନୀଙ୍କ ଆଡ଼କୁ। ସେମାନେ ଛୋଟ ଛୋଟ ପାରମ୍ପରିକ ଗଣମାଧ୍ୟମ କମ୍ପାନୀମାନଙ୍କୁ ସେମାନଙ୍କର ବିଜ୍ଞାପନଗୁଡ଼ିକୁ ଦେବା ପରିବର୍ନ୍ତେ ଅନ୍‌ଲାଇନ୍‌ରେ ବଡ଼ ବଡ଼ କମ୍ପାନୀମାନଙ୍କ ପ୍ରାଧାନ୍ୟ ଭିନ୍ତିରେ ସେମାନଙ୍କୁ ପ୍ରଦାନ କରିଥାନ୍ତି। ଆଉ ଏହିଭଳି ଭାବରେ ମୁଖ୍ୟସ୍ରୋତର ଗଣମାଧ୍ୟମ କମ୍ପାନୀମାନେ ସବୁ କାମ କରିଥାନ୍ତି, ସେଥିପାଇଁ ଅର୍ଥ ବ୍ୟୟ କରିଥାନ୍ତି, କିନ୍ତୁ ଶୁଖିଲାରେ ବାଳିଆ ପିଟିଥାନ୍ତି ଅର୍ଥାତ୍ ଲାଭର ଅଧିକାଂଶ ପରିମାଣ ଏକଚାଟିଆ ଭାବରେ ହାସଲ କରିଥାନ୍ତି ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ କମ୍ପାନୀ ବା ବଣିମାନେ। ପ୍ରକୃତରେ ଯେଉଁ ଛୋଟ ଛୋଟ କମ୍ପାନୀମାନେ ବିଷୟବସ୍ତୁ ପ୍ରସ୍ତୁତ କରି ଲୋକଲୋଚନକୁ ଆଣିବାକୁ କାର୍ଯ୍ୟ କରିଥାନ୍ତି ବା ଝିଟିଂକାମାନେ ସଂଘର୍ଷ କରୁଥାନ୍ତି ସେମାନଙ୍କର ସ୍ଥିତି ବଚାଂଇବାକୁ। ଅର୍ଥନୀତି ଦୃଷ୍ଟିରୁ ଏ ପ୍ରକାରର କାର୍ଯ୍ୟ କେବଳ ଅପରିପୋଷଣୀୟ ବା ଅନ୍ୟାୟ ନୁହେଁ, ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଅନ୍‌ଲାଇନ୍ କମ୍ପାନୀମାନଙ୍କର ଏହା ଛୋଟ ଛୋଟ କମ୍ପାନୀମାନଙ୍କୁ ଶୋଷଣ କରିବା କହିଲେ ଅତ୍ୟୁକ୍ତି ହେବନାହିଁ। ସେମାନଙ୍କର ଏଭଳି କାର୍ଯ୍ୟ ଯୋଗୁଁ ଅନେକ ଭାରତୀୟ ସମ୍ବାଦ ପ୍ରକାଶନ ସଂସ୍ଥା ଦୁଃଖ କଷ୍ଟରେ କାଳାତିପାତ କରିବାକୁ ବାଧ୍ୟ ହେଉଛନ୍ତି। ତେବେ ପ୍ରସଙ୍ଗଟି କେବଳ ଗୋଟିଏ ଦୁଇଟି ନିର୍ଦ୍ଦିଷ୍ଟ କମ୍ପାନୀ ମଧ୍ୟରେ ସୀମିତ ରହୁନାହିଁ, କାରଣ ବର୍ତମାନ ଯେଉଁ ରାଜସ୍ୱ ମଡେଲଟି କାର୍ଯ୍ୟକାରୀ ହେଉଛି, ସେଥିପାଇଁ ଉନ୍ନମ ସାମ୍ବାଦିକତା ପ୍ରସ୍ତୁତ କରିବାର କାର୍ଯ୍ୟ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହେଉଛି। ଏହି ମଡେଲଟି ନୈତିକତା ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ବୋଲି ଅନୁଭବ କରନ୍ତି ଅନେକ ବୁଦ୍ଧିଜୀବୀ। ସେମାନେ ପ୍ରଶ୍ନ କରନ୍ତି, ଜଣେ ପ୍ରସ୍ତୁତକାରୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟରୁ ତାଙ୍କର ବ୍ୟବହାରକାରୀଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇ ପାରିବାର ପର୍ଯ୍ୟାପ୍ତ ସାମର୍ଥ୍ୟ ବହନ କରୁଥିବା ବିତରଣକାରୀ, ଯିଏକି ପ୍ରାୟତଃ ଅସାଧୁ ଉପାୟରେ ବ୍ୟବହାରକାରୀମାନଙ୍କର ବ୍ୟକ୍ତିଗତ ତଥ୍ୟକୁ ମଧ୍ୟ ଅପହରଣ କରିଥାନ୍ତି, ସେ ଲାଭ ଉଠାଇବା ଉଚିତ କି ? ପୁନଶ୍ଚ, ଏହି ମଡେଲ ରାଜନୀତିକ ଦୃଷ୍ଟିକୋଣରୁ ମଧ୍ୟ ବିପଜ୍ଜନକ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କ୍ଷମତାସୀନ ବ୍ୟକ୍ତିମାନଙ୍କୁ ଉନ୍ନରଦାୟୀ କରିବା ନିମନ୍ତେ ସଠିକ୍ ସୂଚନା ସହିତ ସୁସଂଯତ ଏବଂ ସୁସଂହତ ବିତର୍କର ଆବଶ୍ୟକତା ରହିଛି ଏବଂ ଏହା ନିର୍ଭର କରିଥାଏ ଉନ୍ନମ ସାମ୍ବାଦିକତା ଉପରେ। ସଂଯୋଗବଶତଃ ସାମ୍ପ୍ରତିକ ସମୟରେ ସଠିକ୍ ସମ୍ବାଦ ପ୍ରସ୍ତୁତି କାର୍ଯ୍ୟ ଦୁର୍ବଳ ହୋଇ ଚାଲିଥିବା ବେଳେ ଅନ୍‌ଲାଇନ୍ ମଚଂଗୁଡ଼ିକରେ ମିଥ୍ୟା ସମ୍ବାଦର ପ୍ରାବଲ୍ୟ ଦେଖିବାକୁ ମିଳୁଛି। ଏସବୁ ଦୃଷ୍ଟିରୁ ତେଣୁ ଅଷ୍ଟ୍ରେଲୀୟ ସରକାର ସମ୍ପ୍ରତି ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ କମ୍ପାନୀମାନଙ୍କର ଏପରି କାର୍ଯ୍ୟ ପାଇଁ ପ୍ରକାଶନ ସଂସ୍ଥାମାନଙ୍କୁ ଅର୍ଥ ପ୍ରଦାନ କରିବା ନିମନ୍ତେ ଆଇନଗତ ବ୍ୟବସ୍ଥା ସୃଷ୍ଟି କରିବା ପଥର ପଥିକ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ଦୁଇ ଦଶନ୍ଧି ଧରି ଇଟଂରନେଟ୍ କମ୍ପାନୀମାନେ ଏହିଭଳି ଭାବରେ ଲାଭ ଉପାର୍ଜନ କରୁଥିବା ଅନୁଭବ କରିବା ପରେ ଦୁଇବର୍ଷ ପୂର୍ବେ ଫ୍ରାନ୍ସ ସମ୍ବାଦ ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ଅର୍ଥ ଦେବା ପାଇଁ ସେମାନଙ୍କୁ ଏକ ଚୁକ୍ତିନାମାରେ ସ୍ୱାକ୍ଷରିତ କରାଇବାର ବ୍ୟବସ୍ଥା କରିଥିଲା। ଅର୍ଥାତ୍ ଫ୍ରାନ୍ସ ଏ ଦିଗରେ ଏକ ପଥ ପ୍ରଦର୍ଶନ କରିଥିଲା ଯାହାକୁ ଅଷ୍ଟ୍ରେଲିଆ ବର୍ତମାନ ଅନୁସରଣ କରିବାକୁ ଯାଉଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ଏ ବାବଦରେ ତାଙ୍କ ସହ ହାତ ମିଳାଇବାକୁ ଆହ୍ୱାନ ଦେଇଛନ୍ତି। କହିବା ବାହୁଲ୍ୟ, ବଡ଼ ବଡ଼ କମ୍ପାନୀମାନଙ୍କୁ ଉନ୍ନରଦାୟୀ କରିବା ସହିତ ନ୍ୟାୟୋଚିତ ମାର୍ଗକୁ ଅନୁସରଣ କରିବା ନିମନ୍ତେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ମିଳିମିଶି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଉପରୋକ୍ତ ଗଣମାଧ୍ୟମ-ସମ୍ପର୍କିତ ବିଷୟବସ୍ତୁ ନିମନ୍ତେ ଆଇନ ପ୍ରଣୟନ କ୍ଷେତ୍ରରେ ପ୍ରଗତି କରିବା ନିମନ୍ତେ ଭାରତ ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦର୍ଶିତ ପଥକୁ ଆପଣାଇବା ବିଧେୟ।

# ଆଜିର ଆହ୍ୱାନ ଓ କାଲିର ଦାୟିତ୍ୱ



ଘଟଣାଗୁଡ଼ିକ ଏତେ ଦ୍ରୁତ ଗତିରେ ଘଟି ଚାଲିଛନ୍ତି ଯେ ସତେ ଯେପରି କେହି ସେଗୁଡ଼ିକୁ ଏକ ଘୂରନ୍ତା ଚରଖା ଉପରେ ରଖିଦେଇଛି। ଏହି ଖେଳ ଆମେ ସମସ୍ତେ ଆମ ପିଲାଦିନେ ଖେଳିଛନ୍ତି, ଯେତେବେଳେ ଆମେ ରଙ୍ଗିନ ଚରଖାକୁ ଦ୍ରୁତ ଗତିରେ ଘୂରାଉ, ସବୁ ରଙ୍ଗ ସମାନ ହୋଇଯାଏ ଏବଂ କେବଳ ଧଳା ରଙ୍ଗର ଚକଟିଏ ଘୂରୁଥିବା ଦେଖାଯାଏ। ଆମେ ଆଜି ସେହି ଭଳି ଦ୍ରୁତ ପରିବର୍ନ୍ତନଶୀଳ ଘଟଣାମାନ ଦେଖୁଛନ୍ତି, ଯେଉଁଠି ତୀକ୍ଷ୍ ?ଣ ଓ ଦ୍ରୁତ ଚକିରେ ସବୁ ରଙ୍ଗ ଏକାକାର ହୋଇ ଯାଇଛି। ଆମ ଆଗରେ କେବଳ ଗୋଟିଏ ପାର୍ଥକ୍ୟ; ଯେଉଁ ଚକିଟି ବୁଲୁଛି, ତାହା ଧଳା ନ ହୋଇ କଳା ଦେଖାଯାଉଛି। ଏହା ବତାଇ ଦେଉଛି କି, ଦେଶର ତମାମ ରାଜନୈତିକ-ସାମାଜିକ-ବୈଧାନିକ-ପେସାଗତ ଶକ୍ତି ମିଳିତ ଭାବରେ କିପରି ଏକ ପ୍ରତାରଣାର ଜାଲ ବୁଣି ଏହି ଦେଶକୁ, ଏହାର ବ୍ୟବସ୍ଥାକୁ ଓ ଏହାର ସଂବିଧାନକୁ ରଖିଛନ୍ତି। ଆମ ସମ୍ମୁଖରେ ଦୁଇ ପ୍ରକାରର ଲୋକ ଛିଡ଼ା ହୋଇଛନ୍ତି। ଗୋଟିଏ ହେଉଛି ଯେଉଁମାନଙ୍କ ପାଇଁ କ୍ଷମତା ହେଉଛି ଚରମ ସତ୍ୟ। ସେମାନେ କ୍ଷମତାର କ୍ଷୁଧା ମେ[ାଇବା ପାଇଁ ସମସ୍ତ ମନ୍ଦ କାମ କରି ପାରନ୍ତି। ଏହା ଏକ ଚିନ୍ତାର ବିଷୟ। କିନ୍ତୁ, ମୋର ପ୍ରଥମ ଓ ସବୁଠାରୁ ବଡ଼ ଚିନ୍ତା ହେଉଛି ଆଉ ଗୋଟିଏ ପ୍ରକାରର ଏବଂ ତାହା ଦ୍ୱିତୀୟ ପ୍ରକାର ଲୋକଙ୍କ ପାଇଁ ଯେଉଁମାନଙ୍କ ଲାଗି ରାଜନୈତିକ କ୍ଷମତା ଅନ୍ତିମ ଲକ୍ଷ୍ୟ ନୁହେଁ। ସେମାନେ କ'ଣ କରୁଛନ୍ତି ଏବଂ କ'ଣ କହୁଛନ୍ତି ? ସେମାନେ କ'ଣ ଖୋଜୁଛନ୍ତି ଏବଂ କ'ଣ ପାଉଛନ୍ତି ? ସେମାନଙ୍କ ଭିତରୁ ଅଧିକାଂଶ ଏପରି ଭୀରୁ ଯେ ଜୀବନ ସାରା ସୁବିଧା ଓ ସମୃଦ୍ଧିର ଉପାୟ ଖୋଜୁଛନ୍ତି ଏବଂ କିଛି ପରିମାଣରେ ପାଉଛନ୍ତି ମଧ୍ୟ। ତାହା ପାଇବା ପରେ ସେମାନେ ସର୍ବଦା ସତର୍କ ରହୁଛନ୍ତି; ଯେପରି କେହି ତାହାକୁ ଛଡ଼ାଇ ନ ନିଏ। ସେମାନଙ୍କ ଠାରେ ନା ରହିଛି ବୌଦ୍ଧିକ ସଚ୍ଚୋଟତା ନା ସତ୍ ?ସାହସ। ସେମାନେ ସମସ୍ତେ ନିଜକୁ ବୁଦ୍ଧିଜୀବୀ କହନ୍ତି- ଶୁଦ୍ଧ ଆକ୍ଷରିକ ଅର୍ଥରେ। ସେମାନଙ୍କର ସମସ୍ତ ଚତୁରତା, ଜ୍ଞାନ, ବ୍ୟାବହାରିକ କୁଶଳତା ଆଦିର ମୂଳ ହେଉଛି ବୁଦ୍ଧିର ବ୍ୟବହାର କରି କିଭଳି ସୁବିଧାଜନକ ଜୀବନଯାପନ କରାଯାଇପାରିବ। କେହି ଜଣେ ଥରେ ଗାନ୍ଧୀଜୀଙ୍କୁ ପଚାରିଲେ, 'ଆପଣଙ୍କୁ କେଉଁ କଥା ଅଧିକ ଚିନ୍ତାଜନକ ଲାଗୁଛି ?' ସେ କହିଥିଲେ, 'ବଢୁଥିବା ଗୋଟିଏ ପ୍ରକାର ବୌଦ୍ଧିକ ଗୋଷ୍ଠୀ ଦ୍ୱାରା ମୁଁ ବେଶୀ ବିଚଳିତ।' ବିମୁଦ୍ରୀକରଣ ପରି ମୂଢ଼ ନିଷ୍ପନ୍ତି ଏବଂ ତା'ପରେ 'କ୍ଷତି ନିୟନ୍ତ୍ରଣ' ପାଇଁ ବାରମ୍ବାର କୁହାଯାଉଥିବା ମିଛ; ଜିଏସ୍ ?ଟି ଘୋଷଣା ପାଇଁ ନିଶାର୍ଦ୍ଧ ଆୟୋଜନ ଏବଂ ସେହି ଅପରିପକ୍ୱ ଯୋଜନା ଦ୍ୱାରା ହୋଇଥିବା କ୍ଷତି ଓ ତାକୁ ଲୁଚାଇବାର ପ୍ରୟାସ; ବିଜ୍ଞାନ ଓ ଇତିହାସକୁ ଉପହାସ କଲା ଭଳି କ୍ରମାଗତ ମିଥ୍ୟା-ଅର୍ଦ୍ଧସତ୍ୟ ସମ୍ବଳିତ ମନ୍ତବ୍ୟ, ଭାରତୀୟ ସମାଜକୁ ଖଣ୍ଡ ଖଣ୍ଡ କଲା ଭଳି ବିଷାକ୍ତ ବିବୃତି, ସଂବିଧାନ ଓ ନ୍ୟାୟପାଳିକାକୁ ଅଶାଳୀନ ଉପେକ୍ଷା, ଲୋକତାନ୍ତ୍ରିକ ପରମ୍ପରାକୁ ନଷ୍ଟଭ୍ରଷ୍ଟ କରିଦେବା, ବିରୋଧୀଙ୍କ ପାଇଁ ସମାଜରେ ଘୃଣା ଭାବ ବିସ୍ତାର କରିବା, ଲୋକତାନ୍ତ୍ରିକ ସମାଜକୁ ପୁଲିସ ରାଜରେ ପରିଣତ କରିବା, ଅମଲାତନ୍ତ୍ରକୁ ଚାଟୁକାର ଗୋଷ୍ଠୀରେ ପରିଣତ କରିବା, ସେନାକୁ ରାଜନୈତିକ ବିଶୃଙ୍ଖଳାକୁ ଟାଣି ପରିହାସର ପାତ୍ର କରାଇବା ଏବଂ ଉପରୁ ତଳ ଯାଏ ସବୁଠି ଦୁର୍ନୀତିର ଏକ ନେଟ୍ୱର୍କ ସୃଷ୍ଟି କରିବା ଭଳି ଅନେକ କିଛି ଦେଶ ସାମନା କରି ଚାଲିଛି।

କିନ୍ତୁ ଏହି ତଥାକଥିତ ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ କେହି ଜଣେ ବି ବିରୋଧ କରିବା ନଜରକୁ ଆସି ନାହିଁ। ସେମାନଙ୍କ ଭିତରୁ ଅଧିକାଂଶ ଢୋଲ ବଜାଳିଙ୍କ ଗୋଷ୍ଠୀରେ ନାଚୁଥିବା ଦେଖାଯାଇଛି। କଂଗ୍ରେସର ଘୋଷିତ ନିର୍ବାଚନୀ ଇସ୍ତାହାରରେ ଆମର ଅନେକ ଅସହମତି ଥାଇପାରେ। କିନ୍ତୁ ଏହା ମୁସଲିମ ଲିଗ୍ ?ର ଘୋଷଣାପତ୍ର ପରି ଲାଗୁଛି ବୋଲି ପ୍ରଧାନମନ୍ତ୍ରୀଙ୍କ ବିବୃତି କ'ଣ ରାଜନୈତିକ ପତନର ପ୍ରମାଣ ନୁହେଁ କି ? ତାଙ୍କର ଏହି ବିବୃତିରୁ ଜଣାପଡୁଛି ଯେ ତାଙ୍କର ଇତିହାସ ସମ୍ପର୍କରେ ଜ୍ଞାନ ନାହିଁ ବା ସେହି ସମୟର ରାଜନୀତି ବାବଦରେ ଧାରଣା ନାହିଁ। ମାତ୍ର ପରଦିନ ଖବରକାଗଜମାନଙ୍କରେ ଏହି ବୟାନକୁ ଯେପରି ପରିବେଷଣ କରାଯାଇଥିଲା, ସେଥିରେ ମୁଁ ଗଭୀର ଭାବରେ ମର୍ମାହତ। ଗଣମାଧ୍ୟମର ଯଦି ସ୍ୱାଧୀନ ଆତ୍ମା ଥାଆନ୍ତା, ତେବେ ସେମାନେ ଗଣତନ୍ତ୍ର ସପକ୍ଷରେ ଛିଡ଼ା ହୋଇଥା'ନ୍ତେ। ସେମାନେ ଏପରି ବିବୃତିକୁ ପ୍ରସାରିତ କରିନଥା'ନ୍ତେ ବା ତାହାକୁ ଖଣ୍ଡନ କରି ପ୍ରସାରଣ କରିଥା'ନ୍ତେ। କିନ୍ତୁ କୋଳରେ ବସିଥିବା ଗଣମାଧ୍ୟମ ଗଣତନ୍ତ୍ରର ଶବ ଉପରେ ହିଁ ଛିଡ଼ା ହୋଇପାରେ। ଯେଉଁମାନେ କୋଳରେ ରହିବେ, ସେମାନେ ସର୍ବଦା ଦାସ ହୋଇ ରହିଥିବେ। ସ୍ୱାଧୀନତା ପାଇଁ ଦୀର୍ଘ ଦିନର ଅତୁଳନୀୟ ସଂଗ୍ରାମ ପରେ ଆମକୁ ମିଳିଥିବା ଗଣତନ୍ତ୍ରର ମୂଲ୍ୟକୁ ଆମେ ଏତେ କମ୍ ? କରିଦେବା ? ଗଣତନ୍ତ୍ର ଛିନ୍ନଭିନ୍ନ ହୋଇ ଯାଇଥିବା ଆମ ପଡ଼ୋଶୀଙ୍କ ଅବସ୍ଥା ଦେଖିବା ପରେ ବି ଯଦି ଆମେ ତାହା ପ୍ରତି ଉଦାସୀନ, ତେବେ ଆମେ କୌଣସି ଦାସତ୍ୱରୁ କେମିତି ମୁକ୍ତ ହେବା ? ଚାରିଆଡ଼େ ବିକାଶର ତଥ୍ୟ ଓ ଆକଳନର ଯେଉଁ ମେଘ ସୃଷ୍ଟି କରାଯାଉଛି, ତାହା ସତ୍ୟ ହେଲେ ବି ଆମେ ଏହା କହିବା ଉଚିତ ହେବ କି ନାଗରିକ ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା, ଶକ୍ତ ନ୍ୟାୟପାଳିକା, ସମର୍ଥ ଶ୍ରମ ଆଇନ ବଦଳରେ ଆମର କୌଣସି ପ୍ରକାର ବିକାଶ ଦରକାର ନାହିଁ। କିନ୍ତୁ ନିଜ ଭିକ୍ଷା ଥାଳ ପ୍ରତି ଜଣେ ଭିକାରିର ଯେତିକି ସମ୍ମାନବୋଧ ରହିଛି, ପ୍ରେସ-ମିଡିଆ ଲୋକଙ୍କର ନିଜ କଲମ ପ୍ରତି ସେତିକି ସମ୍ମାନ ରହିନାହିଁ। ପଦପଦବିକୁ ଅନ୍ତିମ ସତ୍ୟ ବୋଲି ବିଚାର କରାଯାଉଥିବା ରାଜନୀତିର ? ?ବପାରରେ ଅଧିକ ନେତା ନିଜ ଦଳ ଛାଡ଼ି ବିଜେପିରେ ଯୋଗ ଦେଉଥିବା ନେଇ ମୁଁ ଲଜ୍ଜିତ, କିନ୍ତୁ ଗଣମାଧ୍ୟମର ଆଭିମୁଖ୍ୟରେ ପରିବର୍ନ୍ତନ ମୋତେ ମର୍ମାହତ କରୁଛି। ସ୍ୱାଧୀନ ଭାରତର ପ୍ରାୟ ୭୫ ବର୍ଷରେ ଯେଉଁ ଗୋଷ୍ଠୀ ୬-ଇଂର କଲମ ଉଠାଇବା ଓ ସମ୍ଭାଳିବା ଶିଖିପାରିଲେନି, ସେମାନଙ୍କୁ କ'ଣ କେବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ବିବେଚନା କରାଯାଇପାରିବ ? ଦେଶରେ ଗଣମାଧ୍ୟମ ପରି କୌଣସି ବ୍ୟବସ୍ଥା ଆଉ ରହିନାହିଁ। ଆପଣ କହନ୍ତୁ, କେବେ ବି ୧୦ ଜଣ ସାମ୍ବାଦିକ ମିଶି କହିଛନ୍ତି ଯେ ଆମେ ଚାପରେ କାମ କରିବା ପାଇଁ ପ୍ରସ୍ତୁତ ନୁହେଁ ଏବଂ ଏପରି ଚାପରେ କାମ କରିବା ଅପେକ୍ଷା ଇସ୍ତଫା ଦେଇଦେବା ଉଚିତ ହେବ ? ଏଭଳି ନୈତିକ ସ୍ୱର କେଉଁଠି ଉଠନ୍ତା ଭଲା ! ନିର୍ବାଚନୀ ବଣ୍ଡ୍ ? ଦୁର୍ନୀତିକୁ ସାର୍ବଜନୀନ ନ କରିବା ପାଇଁ ସମଗ୍ର ବେପାରୀ ଗୋଷ୍ଠୀ ଯେପରି ଚେଷ୍ଟା ଚଳାଇଥିଲେ, ତାହା ସାରା ଦେଶ ଦେଖିଛି। ସରକାରୀ କଳ କାହିଁକି ଏଥିରେ ଜଡ଼ିତ ଥିଲା, ତାହା ତ ବୁଝାପଡୁଛି, ମାତ୍ର ଦେଶ-ଦୁନିଆର ସବୁଠୁ ବଡ଼ ବ୍ୟାଙ୍କ ଷ୍ଟେଟ୍ ? ବ୍ୟାଙ୍କର ଭୂମିକାକୁ କେମିତି ବୁଝାଯାଇପାରିବ ? ଷ୍ଟେଟ୍ ? ବ୍ୟାଙ୍କ ତାହାର ସମସ୍ତ ଖ୍ୟାତିକୁ ବାଜିରେ ଲଗାଇଦେଲା। ଅଦାଲତର ଲାଠି ଆଗରେ ତାହାର ଅବସ୍ଥା ଲାଞ୍ଜ ଜାକି ଭୟାର୍ନ୍ତ ରୋଦନ କରୁଥିବା ଗଳିର କୁକୁର ପରି ହୋଇଗଲା। ଏହି ସଂସ୍ଥା କୌଣସି ନୈତିକ ଭୂମିକା ତୁଲାଇବା ପାଇଁ ଚେଷ୍ଟା ବି କଲାନାହିଁ। ଆମେ ଏ କଥା ମଧ୍ୟ ଦେଖିଛୁ କି ଓକିଲାତି ବ୍ୟବସାୟ କରୁଥିବା ସମସ୍ତ ନାମୀ-ଦାମୀ ବ୍ୟକ୍ତି ଅନେକ ଯୁକ୍ତି ଦ୍ୱାରା ନିଜର ଏପରି ଏକ ଭାବମୂର୍ନ୍ତି ସୃଷ୍ଟି କରିଛନ୍ତି, ଲାଗୁଛି ଯଦି ସେମାନେ ବିଦ୍ୟମାନ, ତେବେ ସଂବିଧାନ ରହିଛି, ନ୍ୟାୟ ରହିଛି। ସେମାନେ ସର୍ବୋଚ୍ଚ ଅଦାଲତକୁ ବୁଝାଇବା ସହ ଧମକାଉ ଥିଲେ କି ନିର୍ବାଚନୀ ବଣ୍ଡର କୌଣସି ବି ସୂଚନା ସାର୍ବଜନୀନ ହୋଇଗଲେ ନ୍ୟାୟପାଳିକା ଚିର ଦିନ ପାଇଁ କଳଙ୍କିତ ହୋଇଯିବ ଏବଂ ଦେଶ ଖାଲରେ ପଡ଼ିଯିବ। ସେମାନଙ୍କ କାର୍ଯ୍ୟ ପଛରେ ସେମାନେ ପାଉଥିବା କୋଟି କୋଟି ଟଙ୍କାର ପାରିଶ୍ରମିକ ରହିଛି, ଯାହା ସେମାନଙ୍କ ଭାବମୂର୍ନ୍ତିର ଆଧାର ଏବଂ ମୂଲ୍ୟ। ସେମାନଙ୍କର କୌଣସି ନୈତିକ ମେରୁଦଣ୍ଡ ନାହିଁ। ଏହା ହିଁ ହେଉଛି ପ୍ରକୃତ ବିପଦ। ସରକାର ଆସିବେ ଓ ଯିବେ। ଯେତେବେଳେ ଯେଉଁ ସରକାର ଆସିବେ, ସେମାନଙ୍କର ଏଭଳି ମଞ୍ଜହୀନ ବ୍ୟକ୍ତିମାନଙ୍କ ଆବଶ୍ୟକତା ପଡ଼ିବ। ଏମିତି ବି ସରକାରଗୁଡ଼ିକ ଏଭଳି ବୁଦ୍ଧିଜୀବୀ, ସାମ୍ବାଦିକ, ଗଣମାଧ୍ୟମ ସଂସ୍ଥା ଆଦି ଲୋଡ଼ନ୍ତି। ସେଥିପାଇଁ ତ ଗଣତନ୍ତ୍ରର ଓକିଲମାନଙ୍କ ଏକ ଗୋଷ୍ଠୀକୁ ଛିଡ଼ା କରାଇବା ହେଉଛି ଆମର ପ୍ରାଥମିକ ଦାୟିତ୍ୱ। ଆମକୁ ଆଜିର ଦାୟିତ୍ୱ ପୂରଣ କରିବାର ଅଛି ଏବଂ ଆଗାମୀ କାଲିର ଦାୟିତ୍ୱ ନିର୍ବାହ କରିବା ପାଇଁ ଶକ୍ତି ଯୋଗାଡ଼ କରିବାକୁ ହେବ। ଉଭୟ କାର୍ଯ୍ୟକୁ ଏକା ସାଙ୍ଗରେ କରିବାକୁ ହେବ।

# 'ଅତି'ର ଆଶ୍ଳେଷ



'ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ଭଳି ଏକ ବିଶେଷଣ ସର୍ବଦା ଯୋଡ଼ି ହୋଇଥାଏ; ଯାହା ଗଣତନ୍ତ୍ରର ଛଦ୍ମବେଶରେ ନିରୋଳା ଏକଛତ୍ରବାଦ। ଧ୍ରୁବଙ୍କ ମତରେ ଏହି ସରକାର ଅମଳରେ କେତେକ ସ୍ଥାନରେ 'ଇଭିଏମ୍ ?' ମେସିନର ହରଣଚାଳ ଭଳି ଘଟଣା ବା ନିର୍ବାଚନ କମିସନରଙ୍କ କ୍ଷମତାର ଅପପ୍ରୟାଗ ବା ନିର୍ବାଚନ ବଣ୍ଡ୍ ? ଜରିଆରେ ପ୍ରଭୂତ ଅର୍ଥ ଆହରଣ ଇତ୍ୟାଦି ଭାରତୀୟ ଗଣତନ୍ତ୍ରକୁ ସନ୍ଦେହାସ୍ପଦ କରିଛି। ସୁତରାଂ, ତାଙ୍କର ସ୍ପଷ୍ଟ ଉପସଂହାର ଯେ ଭାରତ ସଂପ୍ରତି ଏକଛତ୍ରବାଦୀ ଶାସନାଧୀନ। ଏବେ ଆସିବା ଧ୍ରୁବଙ୍କ ବିପକ୍ଷ ମତବାଦ ନିକଟକୁ, ଯେଉଁଠି ମଧ୍ୟ ଅନେକ ବିଦ୍ୱାନ ସମ୍ମିଳିତ ଏବଂ ଏହି ନିର୍ଦ୍ଦିଷ୍ଟ ସଂଦର୍ଭରେ ଧ୍ରୁବଙ୍କ ବିପକ୍ଷରେ ଆବିର୍ଭୂତ ହୋଇଛନ୍ତି ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ଏବଂ ଲେଖକ ଦିଲୀପ ମଣ୍ଡଳ, ଯିଏ ସ୍ୱରର ଉଚ୍ଚାଟରେ ଧ୍ରୁବଙ୍କୁ ହତବାକ୍ କରିବାର ପ୍ରଚେଷ୍ଟା ନ କରି ତାର୍କିକତାର ଆଶ୍ରୟ ନେଇ 'ଦ ପ୍ରିଂଟ'ରେ ଏକ ଆଲେଖ୍ୟ ପ୍ରକାଶ କରିଛନ୍ତି। ତାଙ୍କ ବକ୍ତବ୍ୟର ସାରମର୍ମ ହେଲା : ସ୍ୱାଧୀନତା ପରବର୍ତୀ ଭାରତୀୟ ଶାସନ ଧାରାରେ ୨୦୧୪ ମସିହା (ବିଜେପି କ୍ଷମତାସୀନ ହେବାର ବର୍ଷ) ଏକ କାଳବିଭାଜିକା ନୁହେଁ; ଧ୍ରୁବଙ୍କ ଦ୍ୱାରା ବର୍ଣ୍ଣିତ ରାଜନେ ?ତିକ ଅପଲକ୍ଷଣର ପ୍ରବାହ ସ୍ୱାଧୀନତା ପରବର୍ନ୍ତୀ କାଳରୁ ବହି ଆସିଛି। ଜୱାହରଲାଲ ନେହରୁଙ୍କ ଇଙ୍ଗିତରେ ୧୯୫୯ ମସିହାରେ କେରଳର ନିର୍ବାଚିତ ବାମପନ୍ଥୀ ସରକାରର ପତନ, ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ନିୟମିତ ଭାବେ ବିରୋଧୀ ରାଜ୍ୟ ସରକାରଗୁଡ଼ିକର ଉନ୍ମୂଳନ, ପି.ଭି. ନରସିଂହ ରାଓଙ୍କ ଅମଳରେ ଗୋଟିଏ ଦିନରେ ତିନିଟି ରାଜ୍ୟର ବିଜେପି ସରକାରଙ୍କ ନିଷ୍କାସନ, କଂଗ୍ରେସ ଶାସନ ଅମଳରେ ପ୍ରାୟ ଦଶ ବର୍ଷ ଧରି ପଞ୍ଜାବ ପ୍ରତ୍ୟକ୍ଷ କରିଥିବା ରାଷ୍ଟ୍ରପତି ଶାସନ ଇତ୍ୟାଦି ହେଉଛି ତାହାର ପ୍ରମାଣ ଏବଂ କଂଗ୍ରେସ ସରକାର ସମୟରେ ଘୋଡ଼ା ବେପାରର ପ୍ରାବଲ୍ୟ ଇତିହାସରେ ସ୍ପଷ୍ଟ ଭାବେ ଲିପିବଦ୍ଧ। ସେହିଭଳି କଂଗ୍ରେସ ସରକାର ଅମଳରେ ଦିଲ୍ଲୀ ପୁଲିସ ଆଇନ ସହିତ ରୂପ ପାଇଥିବା କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା 'ସି.ବି.ଆଇ.'ର ପରିକଳ୍ପନା ପଛରେ ଏକ ଅଭିସନ୍ଧି ଥିଲା ଅବୋଲକରା ବିରୋଧୀ ରାଜ୍ୟଗୁଡ଼ିକୁ ଜବତ କରିବା ଏବଂ ପ୍ରତ୍ୟେକ ସରକାର ଏଭଳି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀ ଦମନ ଅସ୍ତ୍ର ରୂପେ ବ୍ୟବହାର କରି ଆସିଛନ୍ତି। ଯଦି ୨୦୧୪ ପର ଠାରୁ ଏ ଯାବତ୍ କେନ୍ଦ୍ରୀୟ ସଂସ୍ଥାଙ୍କ ଚଢ଼ାଉର ସଂଖ୍ୟା ୩୦୦୦ରୁ ଅଧିକ, ୨୦୦୫ ମସିହାରୁ ୨୦୧୪ ମସିହା ମଧ୍ୟରେ ଏଭଳି ଚଢ଼ାଉ ସଂଖ୍ୟା ୨୯୦୦ରୁ ଅଧିକ। ଦିଲୀପ ମଣ୍ଡଳ ପ୍ରଶ୍ନ କରନ୍ତି ଯେ ସଂସଦରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ବିରୋଧୀ ଜନମତ ଏବଂ ସର୍ବୋଚ୍ଚ ଅଦାଲତର ରାୟକୁ ସମ୍ମାନ ଜଣାଇ 'ଏନ୍ ?.ଜେ.ସି.' ବା 'ନେସନାଲ ଜୁଡିସିଆଲ କମିସନ' ଆଇନ, ନାଗରିକତା ସଂଶୋଧନ ଆଇନ, କୃଷକ ଆଇନ, ଜମି ଅଧିଗ୍ରହଣ ଆଇନକୁ କାର୍ଯ୍ୟକାରୀ ନ କରିବା ବା ପ୍ରତ୍ୟାହାର କରିନେବା ଭଳି ପଦକ୍ଷେପ କେ ?ଣସି ଏକଛତ୍ରବାଦୀ ଶାସକର ଚରିତ୍ରରେ ଦିଶିଥାଏ କି ? 'ନିର୍ବାଚନ ବଣ୍ଡ୍ ?' ମାମଲା ହେଉ ବା 'ଏନ୍ ?.ଜେ.ସି' ହେଉ; ସୁପ୍ରିମ୍ ? କୋର୍ଟଙ୍କ ରାୟକୁ ଏକ ଅଧ୍ୟାଦେଶ ମାଧ୍ୟମରେ ନାକଚ କରିଦେବାର ସାମର୍ଥ୍ୟ ଥିଲେ ସୁଦ୍ଧା ମୋଦୀ ସରକାର ତାହା କରିଛନ୍ତି କି ? ତାଙ୍କ ମତରେ ଭାରତୀୟ ଗଣତନ୍ତ୍ର କିଭଳି ପ୍ରାଣବନ୍ତ ତା'ର ପ୍ରମାଣ ହେଲା ଅମିତ ଶକ୍ତିଶାଳୀ ବିଜେପି ଏ ପର୍ଯ୍ୟନ୍ତ ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତୀୟ ଦୁଇଟି ରାଜ୍ୟରେ (ଓଡ଼ିଶା ଓ ପଶ୍ଚିମବଙ୍ଗ) ପଦଚିହ୍ନ ସୃଷ୍ଟି କରିପାରିନାହିଁ; କାରଣ ତାହା ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହେବାରେ ଲାଗିଛି। ସୁତରାଂ ଭାରତର ଗଣତନ୍ତ୍ରକୁ ଉନ୍ନର କୋରିଆ ବା ରୁଷିଆ ସହିତ ତୁଳନା କରିବା କେବଳ ଅତିରଂଜନ ନୁହେଁ, ନିର୍ବୋଧତାର ନିଦର୍ଶନ ମଧ୍ୟ। କହିବାରେ ଦ୍ୱିଧା ନାହିଁ ଯେ ଦକ୍ଷିଣପନ୍ଥୀ ବିଜେପିର ଉନ୍ମେଷ ସହିତ ଚରମ ଧ୍ରୁବୀକରଣ ପରିପ୍ରେକ୍ଷୀରେ ବିଜେପିର ଦଳେ 'ଅନ୍ଧ' ସ୍ତାବକ ଏବଂ ଆଉ ଦଳେ 'ଅନ୍ଧ' ନିନ୍ଦୁକ ଜନ୍ମ ନେଇଛନ୍ତି, ଯେଉଁମାନେ ନିଜ ନିଜ ପକ୍ଷକୁ ସୁଦୃଢ଼ କରିବା ଲାଗି ଅହେତୁକ ଭୟ ସଂଚାରକୁ ଏକ ଉପାୟ ରୂପେ ଅବଲମ୍ବନ କରିଥାଆନ୍ତି; ଯେମିତି ଚରମ ହିନ୍ଦୁତ୍ୱବାଦୀଙ୍କ ପ୍ରଚାର ଅନୁସାରେ ଭାରତ ଅଚିରେ ଏକ ମୁସଲମାନ ବହୁଳ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି, ଯାହା ଅସମ୍ଭବ; କାରଣ ଭାରତରେ ହିନ୍ଦୁଙ୍କ ସଂଖ୍ୟା ମୁସଲମାନଙ୍କ ତୁଳନାରେ ପ୍ରାୟ ପାଚଂ ଗୁଣ ଅଧିକ ଏବଂ ସଦ୍ୟତମ ରିପୋର୍ଟ ଅନୁସାରେ ସଂପ୍ରତି ଭାରତୀୟ ମୁସଲମାନ ମହିଳାଙ୍କ 'ଟି.ଏଫ.ଆର.' ବା 'ପ୍ରସବ ହାର' ନିମ୍ନଗାମୀ ହୋଇ ମାତ୍ର ୨.୩ରେ ପହଚିଂଲାଣି। ସେହି ଭଳି 'ଅନ୍ଧ' ନିନ୍ଦୁକମାନଙ୍କ ଅବିରାମ ପ୍ରଚାର ହେଲା, ଭାରତ ଏକ 'ଫାସିଷ୍ଟ' ରାଷ୍ଟ୍ରରେ ପରିଣତ ହୋଇସାରିଲାଣି, ଯାହା ଅଚିରେ ଏକ 'ହିନ୍ଦୁ ପାକିସ୍ତାନ'ରେ ପରିଣତ ହେବାକୁ ଯାଉଛି। କିନ୍ତୁ ଏହା କ'ଣ ଏକ ବାସ୍ତବତା ନୁହେଁ କି ଯେ ସାମାଜିକ ଗଣମାଧ୍ୟମରେ ଦୀର୍ଘ କାଳ ଧରି ତୀବ୍ର ମୋଦୀ ସମାଲୋଚନା କରି ଆସୁଥିବା ଧ୍ରୁବ ରାଠୀ ବା ତାଙ୍କ ସମଧର୍ମାମାନେ ଏକ ଫାସିଷ୍ଟ ରାଷ୍ଟ୍ରରେ ସମ୍ଭବ ହୁଅନ୍ତେ ନାହିଁ। ଦିଲୀପଙ୍କ ମତରେ ଅତି ସାଧାରଣ ପୃଷ୍ଠଭୂମିରୁ ଆସି ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦୀ ଭାରତୀୟ ଗଣତନ୍ତ୍ରର ଜଣେ ପରମ ଲାଭାର୍ଥୀ; ଏବଂ ତାଙ୍କର ପ୍ରଭାବ ବୃଦ୍ଧି ପାଉଥିବା ବେଳେ ସେ ଅଯଥାରେ ଏକଛତ୍ରବାଦୀ

ଏହା କ'ଣ ଏକ ବାସ୍ତବତା ନୁହେଁ କି ଯେ ସାମାଜିକ ଗଣମାଧ୍ୟମରେ ଦୀର୍ଘ କାଳ ଧରି ତୀବ୍ର ମୋଦୀ ସମାଲୋଚନା କରି ଆସୁଥିବା ଧ୍ରୁବ ରାଠୀ ବା ତାଙ୍କ ସମଧର୍ମାମାନେ ଏକ ଫାସିଷ୍ଟ ରାଷ୍ଟ୍ରରେ ସମ୍ଭବ ହୁଅନ୍ତେ ନାହିଁ। ଦିଲୀପଙ୍କ ମତରେ ଅତି ସାଧାରଣ ପୃଷ୍ଠଭୂମିରୁ ଆସି ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦୀ ଭାରତୀୟ ଗଣତନ୍ତ୍ରର ଜଣେ ପରମ ଲାଭାର୍ଥୀ; ଏବଂ ତାଙ୍କର ପ୍ରଭାବ ବୃଦ୍ଧି ପାଉଥିବା ବେଳେ ସେ ଅଯଥାରେ ଏକଛତ୍ରବାଦୀ ହେବାର ଦୁର୍ନାମ ମୁଣ୍ଡାଇବେ ବା କାହିଁକି ? ତାଙ୍କ ମତରେ ଆକ୍ରମଣାତ୍ମକ ରାଜନୈତିକ ପରିବେଶରେ ସରକାର ମାତ୍ରକେ ହିଁ ଅସହିଷ୍ଣୁ, ପ୍ରତିଶୋଧପରାୟଣ ଏବଂ ପ୍ରତିକ୍ରିୟାଶୀଳ, ଯହିଁରେ ବିଭିନ୍ନ ରାଜ୍ୟରେ କ୍ଷମତାସୀନ ବିରୋଧୀ ଦଳର ସରକାରଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ। ଏଇ ମାତ୍ର କିଛି ଦିନ ତଳେ ଧ୍ରୁବ ରାଠୀ ନାମକ ଜଣେ 'ୟୁଟ୍ୟୁବ୍ ? ଇନ୍‌ଫ୍ଲୁଏନ୍‌ସର' ବା 'ୟୁଟ୍ୟୁବ୍ ? ପ୍ରଭାବ ବିସ୍ତାରକାରୀ'ଙ୍କ ଦ୍ୱାରା ପ୍ରସାରିତ ଏକ ଭିଡିଓ ବିତର୍କର ବିଷୟବସ୍ତୁ ହୋଇଛି, ଯହିଁରେ ସେ ସାବ୍ୟସ୍ତ କରିବାର ପ୍ରୟାସ କରିଛନ୍ତି ଯେ ଭାରତ ସଂପ୍ରତି ଗୋଟିଏ 'ଏକଛତ୍ରବାଦୀ' ଶାସନ (ଡିକ୍‌ଟାଟରସିପ୍) ଅଧୀନରେ ରହିଛି। ପାଠକପାଠିକାମାନଙ୍କ ଅବଗତି ନିମନ୍ତେ ପ୍ରକାଶ ଥାଉ କି 'ୟୁଟ୍ୟୁବ୍'ରେ ଧ୍ରୁବଙ୍କ ଲୋକପ୍ରିୟତା ଈର୍ଷଣୀୟ; ତାଙ୍କ 'ୟୁଟ୍ୟୁବ୍' ଚ୍ୟାନେଲର କୋଟିଏରୁ ଅଧିକ ଅନୁଗାମୀ ଅଛନ୍ତି। ତେବେ, କେବଳ ସେ ନୁହନ୍ତି, ଅନେକ ବିଦ୍ୱାନ ସମଧର୍ମା ମଧ୍ୟ ଧ୍ରୁବଙ୍କ ତୁଲ୍ୟ ଆଶଙ୍କାର ବୃନ୍ଦଗାନ ଗାଇ ଚାଲିଥିବା ବେଳେ ଏହି ପ୍ରଶ୍ନର ଏକ ସମୁଚିତ ଉତର ଖୋଜିବା ପ୍ରାସଙ୍ଗିକ ହୋଇଥାଏ ଯେ ସତରେ କ'ଣ ଭାରତ ଏକ 'ଏକଛତ୍ରବାଦୀ' ଶାସନ ଅଧୀନସ୍ଥ ହୋଇ ରହିଛି ଧ୍ରୁବ ରାଠୀଙ୍କ ମତାନୁସାରେ ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟ ସରକାରଗୁଡ଼ିକର ପତନ ଘଟାଇବା ଲାଗି ସରକାରୀ ଇଙ୍ଗିତରେ ରାଜ୍ୟପାଳମାନଙ୍କ ଦ୍ୱାରା କ୍ଷମତାର ଅବିବେକୀ ଅପପ୍ରୟୋଗ; ବିରୋଧୀ ବିଧାୟକମାନଙ୍କୁ ଖର୍ଦ୍ଦି କରିବା ଲାଗି ଘୋଡ଼ା ବେପାର; ତହିଁରେ ବିଫଳ ହେଲେ ବିରୋଧୀ ପକ୍ଷଙ୍କୁ ଭୟଭୀତ କରିବା ଲାଗି 'ଇ.ଡି.' ଏବଂ 'ସି.ବି.ଆଇ.' ଭଳି କେନ୍ଦ୍ରୀୟ ସରକାରୀ ଏଜେନ୍ ?ସିଙ୍କୁ ଅସ୍ତ୍ର ସ୍ୱରୂପ ବ୍ୟବହାର; ଜନ ପ୍ରତିବାଦକୁ ଦମନ କରିବା ସକାଶେ କ୍ରୂର ପୁଲିସ ବଳର ପ୍ରୟୋଗ; ମୁଖ୍ୟସ୍ରୋତୀୟ ଗଣମାଧ୍ୟମର ପ୍ରାୟ ସଂପୂର୍ଣ୍ଣ ବଶୀକରଣ; ନିର୍ବାଚନ ବଣ୍ଡ୍ ଭଳି ଧୂର୍ତ ଏବଂ ଅସ୍ୱଚ୍ଛ ବ୍ୟବସ୍ଥା ଜରିଆରେ ଅଜସ୍ର ଅର୍ଥ ଆହରଣ; ଚଣ୍ଡୀଗଡ଼ ଭଳି କ୍ଷୁଦ୍ର ସହରର ମେୟର ନିର୍ବାଚନରେ ଜିଣିବା ଲାଗି ମଧ୍ୟ ଦୁର୍ନୀତିପୂର୍ଣ୍ଣ ପନ୍ଥାର ଅବଲମ୍ବନ ଇତ୍ୟାଦି ଏଭଳି ଏକଛତ୍ରବାଦୀ ଶାସନର ଚରିତ୍ରକୁ ସ୍ପଷ୍ଟ କରିଥାଏ। ସେ ତାଙ୍କର ମତକୁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ପ୍ରମାଣିତ କରିଛନ୍ତି ମଧ୍ୟ। ଏକ ପରିସଂଖ୍ୟାନକୁ ଆଧାର କରି ସେ କହିଛନ୍ତି ଯେ ୨୦୧୪ ମସିହାରୁ ଏ ଯାବତ୍ କେବଳ ବିରୋଧୀ ପକ୍ଷଙ୍କ ଉପରେ ହୋଇଥିବା 'ଇ.ଡି.' ଓ 'ସି.ବି.ଆଇ.' ଚଢ଼ାଉର ସଂଖ୍ୟା ଏକ ରେକର୍ଡ ସଂଖ୍ୟକ ୩୦୦୦ରୁ ଅଧିକ। ସେ କହିଥାଆନ୍ତି ଯେ ମୋଦୀ ସରକାର ଅମଳରେ ଗଣତନ୍ତ୍ରର କିଭଳି ସଂହାର କରାଯାଇଛି, ତାହା ନିର୍ବାଚନ ବଣ୍ଡ୍ ମାମଲା ଏବଂ ଚଣ୍ଡୀଗଡ଼ ମେୟର ନିର୍ବାଚନ ପରିପ୍ରେକ୍ଷୀରେ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ରାୟରେ ସ୍ପଷ୍ଟ। ଧ୍ରୁବଙ୍କ ଅନୁସାରେ ପ୍ରଶ୍ନାତୀତ ଭାବେ ଏକଛତ୍ରବାଦୀ ଶାସକ ଉନ୍ନର କୋରିଆର କିମ୍ ଯୁନ ବା ରୁଷିଆର ଭ୍ଲାଡିମିର ପୁଟିନ ମଧ୍ୟ ନିର୍ବାଚନ ପ୍ରକ୍ରିୟା ଦ୍ୱାରା ନିର୍ବାଚିତ ହୁଅନ୍ତି ଏବଂ ସେମାନଙ୍କ ରାଷ୍ଟ୍ରର ନାମ ସହିତ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







## ଫାଇବ୍ ଟି ର ଅର୍ଥକୁ ନେଇ ବିଜେପିର କଟାକ୍ଷ : ଠକୁଥିଲୁ ଠକୁଛୁ ଠକୁଥିବୁ, ଠୋକର ନ ମାରିବା ଯାଏଁ ଠକି ଚାଲିଥିବୁ



ସମ୍ବଲପୁର,୨୩/୪ (ନି/ପ୍ର): ରାଜ୍ୟ ରେ ଦୀର୍ଘ ବର୍ଷ କାଳ ଧରି ଶାସନ କ୍ଷମତା ରେ ରହିଲା ପରେ ରାଜ୍ୟ ରେ ଫାଇବ୍ ଟି ବ୍ୟବସ୍ଥା କରାଗଲା ଓ ରାଜ୍ୟ ସରକାର ଫାଇବ୍ ଟି କୁ ନେଇ ଯେଉଁ ପରିଭାଷା ଉଲ୍ଲେଖ କରନ୍ତି ତାହା ଆଜି ସମ୍ପୂର୍ଣ୍ଣ ଭୁଲ ବୋଲି ପ୍ରମାଣିତ ହୋଇ ସାରିଛି ବୋଲି ବିଜେପି ଅଭିଯୋଗ କରିଛି ଓ ରାଜ୍ୟ ସରକାର ଙ୍କ ର ସମସ୍ତ ବିଭାଗ କାର୍ଯ୍ୟକଳାପ ଦେଖିଲେ ଫାଇବ୍ ଟି ର ପ୍ରକୃତ ଅର୍ଥ ଠକୁଥିଲୁ ଠକୁଛୁ ଠକୁଥିବୁ ଠୋକର ନ ମାରିବା ଯାଏଁ ଠକି ଚାଲିଥିବୁ ବୋଲି କହି ବିଜେପି କଟାକ୍ଷ କରିଛି ଓ ଆଜି ସମ୍ବଲପୁର ର ହୋଟେଲ ହର୍ଜିତ ରେସିଡେନ୍ସି ରେ ଆହୃତ ଏକ ସାମ୍ବାଦିକ ସମ୍ମିଳନୀ ରେ ବିଜେପି ବରିଷ୍ଠ ନେତା ଡ଼.ପ୍ରମୋଦ ରଥ ଏହି ଅଭିଯୋଗ କରିଛନ୍ତି ଓ ଓଡିଶାର ପାନୀୟ ଜଳ ଯୋଗାଣ ପାଇଁ 'ହର ଘର ମେଁ ନଲ ପେ ଜଲ' ଯୋଜନା ରେ କେନ୍ଦ୍ରର ମୋଦୀ ସରକାର ୧୦ ହଜାର କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି । ହେଲେ ବିଶୁଦ୍ଧ ପାନୀୟ ଜଳ ଯୋଗେଇ ଦେବାରେ ରାଜ୍ୟ ସରକାର ବିଫଳ । ଅପରିଷ୍କାର ପାଣି ପିଇ କେଉଁଠି ହଇଜା ତ ଆଉ କେଉଁଠି ଜଣ୍ଡିସ ରେ ଲୋକେ ଆକ୍ରାନ୍ତ ଓ ମୃତ୍ୟୁବରଣ କରୁଛନ୍ତି । ଏବେ ସମ୍ବଲପୁର ରେ ପି.ଏଚ.ଡି ପାଣି ରେ ପୋକ ବାହାରିବା ଖବର ପ୍ରକାଶିତ ହେଲା ପରେ ଲୋକଙ୍କୁ ଭୟଭୀତ କରିଛି । ଏହା କଣ ୨୫ ବର୍ଷ ଶାସନ ର ରୂପାନ୍ତିକରଣ କି ବୋଲି ଡ଼. ରଥ ପ୍ରଶ୍ନ କରିଛନ୍ତି । ସେ ଆହୁରି ମଧ ଅଭଯୋଗ କରିଛନ୍ତି ଯେ କେନ୍ଦ୍ର ସରକାର ବିଭିନ୍ନ ଜଳ ସ୍ରୋତ ର ସୁରକ୍ଷା ଓ ଶୌଚାଳୟ ନିର୍ମାଣ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ନାଁ ରେ ଶୌଚାଳୟ ନିର୍ମାଣ ପାଇଁ ହଜାର ହଜାର କୋଟି ଟଙ୍କା ର ଅନୁଦାନ ଦେଇଛନ୍ତି । ବିଶେଷ କରି ପୁଷ୍କରଣୀ ଗୁଡିକର ପୁନଃରୁଦ୍ଧାର ଓ ନିକଟବର୍ତ୍ତୀ ଅଂଚଳରେ ଶୌଚାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ପୋଖରୀ ତୁଠ ରେ ସାଇନ ବୋର୍ଡ ଜରିଆରେ ବିଜ୍ଞାପନ ଦେଉଛନ୍ତି । କିନ୍ତୁ, ପ୍ରକୃତ ସ୍ଥିତି ସେଠାରେ ଠିକ ଓଲଟା ରହିଛି । କେବଳ ଯୋଜନା ନାଁ ରେ ବିଜ୍ଞାପନ ଦେଇ ସରକାରୀ ଅର୍ଥ କୁ ଠିକାଦାର ପୋଷଣ ନୀତି ଅବଲମ୍ବନ କରି ରାଜ୍ୟ ରାଜକୋଷ କୁ ହରିଲୁଟ କରିବା ଛାଡା ଆଉ କୌଣସି କାମ ହେଉ ନାହିଁ ଓ ସେହିଭଳି ସମ୍ବଲପୁର ରେ ଉଠା ଦୋକାନୀ ଙ୍କ ପାଇଁ ଭେଣ୍ଡିଙ୍ଗ ଜୋନ ତିଆରି ନ କରି ଗରିବ ଦୋକାନୀ ଙ୍କୁ ଉଠେଇବା ବହୁତ ନିନ୍ଦନୀୟ ଓ ଦୁର୍ଭାଗ୍ୟ ର କଥା । ଗରିବ ଉଠା ଦୋକାନୀ ମାନେ କିଛି ବ୍ୟବସାୟ କରି ଅଳ୍ପ ଅର୍ଥ ଆୟ କରି ପରିବାର ର ଭରଣପୋଷଣ କରୁଛନ୍ତି । କୌଣସି ପ୍ରକାର ସ୍ଥାୟୀ ବ୍ୟବସ୍ଥା ନ କରି ଦୋକାନୀ ମାନଙ୍କୁ ତଡି ଦିଆଗଲେ ସେମାନେ ଚଳିବେ କେମିତି..? ସମ୍ବଲପୁର କୁ ମହାନଗର ନିଗମ ଘୋଷଣା କୁ ଦୀର୍ଘ ୧୧ ବର୍ଷ କାଳ ବିତିଗଲା ପରେ ମଧ୍ୟ ପୌର ନିର୍ବାଚନ ନ ହେବା ଦୁର୍ଭାଗ୍ୟ ର ବିଷୟ । ମହାନଗର ନିଗମ ଅଂଚଳ ରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ସାଧାରଣ ଲୋକେ ନିଜର ପୌର ସମସ୍ୟା ର ସମାଧାନ ପାଇଁ ବହୁତ ହଇରାଣ ହରକତ ହେଉଛନ୍ତି । ସହର ରେ ଯୁଆଡେ ଦେଖିଲେ ଅଳିଆ ଆବର୍ଜନା ର ପାହାଡ଼ ଦିଶୁଛି । ଦୀର୍ଷ ବର୍ଷ ଧରି ପ୍ରଶାସନିକ ବ୍ୟବସ୍ଥା ରେ ରହିଥିବା ସମ୍ବଲପୁର ମହାନଗର ନିଗମ ଦୁର୍ନୀତି ର ଗନ୍ତାଘର ସାଜିଛି ବୋଲି ବିଜେପି ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଅଭଯୋଗ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେପି ଜିଲ୍ଲା ଗଣମାଧମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ ଏବଂ ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବଗ୍ରେଲିଆ ଉପସ୍ଥିତ ଥିଲେ

## ସାଧାରଣ ନିର୍ବାଚନ ପୂର୍ବରୁ ନବରଙ୍ଗପୁର ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ



ନବରଙ୍ଗପୁ.୨୩/୪ (ନି/ପ୍ର): ସାଧାରଣ ନିର୍ବାଚନ କୁ ଆଖି ଆଗରେ ରଖି, ନବରଙ୍ଗପୁର ଜିଲ୍ଲାପାଳ ଡ଼. କମଲଲୋଚନ ମିଶ୍ରଙ୍କ ଓ ଅବକାରୀ ଅଧିକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ, ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଓ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥା ନିରୀକ୍ଷକ ବୃନ୍ଦାବନ ମଣ୍ଡଳଙ୍କ ପ୍ରତଖ୍ୟ ତତ୍ୱାଅବଧାନରେ, ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ସୁଜିତ କୁମାର ନାଗ ଙ୍କ ନେତୃତ୍ୱରେ, ନବରଙ୍ଗପୁର ଥାନା ଅନ୍ତର୍ଗତ ଢ଼େପ ଗୁଡା ଗ୍ରାମର ଜଣେ ଆସାମୀ ଜିତୁ ବେନିଆ ନିକଟରୁ ୨୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରା ଯାଇଛି , ବାଘଶିଉନି ଗ୍ରାମର ଜଣେ ଆସାମୀ ଲଖଣ ଭତରା ନିକଟରୁ ୨୦ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଜବତ କରାଯାଇଛି ଓ ମାଝିଗୁଡାର ଜଣେ ଆସାମୀ ଜଗନ୍ନାଥ ପ୍ରଧାନୀ ନିକଟରୁ ୧୨ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଜବତ କରା ଯାଇଛି ଓ ବଘ ସୁଇନି ଗ୍ରାମ ନିକଟ ଖୋଲା ଜାଗାରେ ୧୯୨୦ ଲିଟର ପୋଚ ଏବଂ ୭୮୦ ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣାସ୍ଥଳରେ ନଷ୍ଟ କରାଯଇଛି. ଏହି ଚଢ଼ାଉରେ ଡିଗଲା ଅବକାରୀ ସହ ଉପ ନିରୀକ୍ଷକ ତ୍ରିନାଥ ସଉରା, ଉମେଶ ହରିଜନ, ସୁଧାଂଶୁ ଶ୍ୱେଖେର ବାଗ, ସଦାନନ୍ଦ ଭତରା, ରଞ୍ଜୀତ ସିଂହ, ଦେବେନ୍ଦ୍ର ସମରଥ, ଛତର ଗଣ୍ଡ, ଅଂଶୁମାନ ପରିଡା ଏବଂ ମହିଳା ସିପାହୀ ରଞ୍ଜୀ ଯାନୀ ଓ ରୀନା ବଡନାୟକ ପ୍ରମୁଖ ଏହି ଚଢ଼ାଉ ରେ ଅଂଶ ଗ୍ରହଣ କରିଥିଲେ ।

## ବିଜେପି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମୀଙ୍କ ନାମାଙ୍କନ ପତ୍ର ଦାଖଲ

ମାଲକାନଗିର,୨୩/୪(ନି/ପ୍ର): ମାଲକାନଗିରି ବିଧାନସଭା କ୍ଷେତ୍ରର ବିଜେପି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମୀ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ନରସିଂହ ନିଜର ସମର୍ଥକମାନଙ୍କ ସହ ପଦଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। ଆତଶବାଜୀ ଓ ବାଦ୍ୟର ତାଳେ ତାଳେ ଜୟ ଶ୍ରୀରାମ ଧ୍ୱନୀରେ ସହର ପ୍ରକମ୍ପିତ ହୋଇ ଉଠୁଥିଲା। ଶହ ଶହ ସମର୍ଥକଙ୍କ ସହ ନରସିଂହ ଲୋକଙ୍କୁ ପ୍ରଣାମ ଜଣାଇ ବିଜୟର ଆଶିର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଆଜି ଦୁଇ ନିର୍ବାଚନ ମଣ୍ଡଳୀର ପ୍ରଥମ ପ୍ରାର୍ଥୀ ଯିଏ କି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ୨୫ ତାରିଖ ଶେଷ ଦିନ ରହିଥିବାରୁ ଆଜିଠାରୁ ନାମାଙ୍କନ ପତ୍ର ପଡିବା ଆରମ୍ଭ ହେଲା। ୨୦୧୯ରେ ବିଜେପି ମାଲକାନଗିରି ବିଧାନସଭା ଆସନକୁ ଅତି ସହଜରେ ହାସଲ କରିଥିବା ବେଳେ ଏଥର ମଧ ବିଜୟ ଧାରା ଜାରି ରହିବ ବୋଲି ବିଜେପି ଦୃଢୋକ୍ତି ପ୍ରକାଶ କରିଛି। ଆସନ୍ତା ୨୪ ଓ ୨୫ ତାରିଖରେ ସମସ୍ତ ବିଧାୟକ ପ୍ରାର୍ଥୀ ନିଜ ନିଜ ନାମାଙ୍କନ ଦାଖଲ କରିବେ ବୋଲି ଜଣାପଡିଛି। ତିନି ପ୍ରମୁଖ ଦଳର ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଲୋକେ ଏଥର କାହାକୁ ନିଜର ବିଧାୟକ ବାଛିବେ ଚିନ୍ତାରେ ପଡିଛନ୍ତି। ଗତ ନିର୍ବାଚନରେ ମାଲକାନଗିରି ବିଧାନସଭା ଆସନରେ ବିଜେପି ବିଜୟ ନେଇ ସ୍ୱଷ୍ଟ ବାରି ହୋଇପଡୁଥିବା ବେଳେ ଏଥର କିନ୍ତୁ କଡା ଟକ୍କର ହେବ ବୋଲି କୁହାଯାଉଛି। ତେବେ ଆଜି ନରସିଂହ ନିଜ ନାମାଙ୍କନ ପତ୍ର ଦାଖଲ କରି ପ୍ରଚାରକୁ ଆହୁରି ଜୋରଦାର କରିବେ ବୋଲି କହିଛନ୍ତି। ଆଜିର ନାମାଙ୍କନ ପତ୍ର ଦାଖଲ ବେଳେ ପୂର୍ଣ୍ଣିମା କେରକେଟା, ଅଶୋକ ପରିଡା, ଶ୍ରୀ ଆର୍ଯ୍ୟ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।



## ବିଜେଡିକୁ ବଡ଼ ଝଟକା: ଦଳରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ



ସମ୍ବଲପୁର,୨୩/୪ (ନି/ପ୍ର): ସମ୍ବଲପୁରରେ ବିଜେଡିକୁ ବଡ଼ ଝଟକା ଦେଲେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ। ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ। ସେ ନିଜର ଇସ୍ତଫା ପତ୍ର ଦଳି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଦୀର୍ଘ ଦିନ ଧରି ସେ ବିଜେଡିରେ ଅଣଦେଖା କରାଯାଉଥିବାରୁ ଏବଂ ଚଳିତ ଥର ତାଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଇସ୍ତଫା ଦେଇଥିବା ଜଣାଯାଇଛି। ସେ ସମ୍ବଲପୁର ବିଧାନସଭା ବିଜେଡି ଟିକେଟ୍ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କ ପରିବର୍ତ୍ତେ ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ ବି ଖୋଲାଖୋଲି କିଛି କହି ନଥିଲେ। ପଶ୍ଚିମ ଓଡ଼ିଶାର ଟାଣୁଆ ନେତ୍ରୀ ଭାବେ ପରିଚିତା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିଜେଡି ଛାଡ଼ିବା ଦଳ ପାଇଁ ମହଙ୍ଗା ପଡ଼ିପାରେ ବୋଲି କୁହାଯାଉଛି। ଏବେ ସେ କେଉଁ ଦଳରେ ଯୋଗ ଦେଉଛନ୍ତି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ପୌରାଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ



ଫୁଲବାଣୀ,୨୩/୪ (ନି/ପ୍ର): ଫୁଲବାଣୀ ପୌର ପରିଷଦ ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ସ୍ଥଗିତାଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ। ସୂଚନାଯୋଗ୍ୟ, ମଙ୍ଗଳବାର ଅନାସ୍ଥା ଉପରେ ମତଦାନ ହେବାର ଥିଲା। ଏ ନେଇ ଜିଲାପାଳ ନୋଟିସ ଜାରୀ କରିଥିଲେ। ତେବେ ହାଇକୋର୍ଟଙ୍କ ଆଦେଶ ପରେ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହା ସ୍ଥଗିତ ରହିଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ(ନିର୍ବାଚନ) ରମେଶ ଚନ୍ଦ୍ର ଜେନା। ସୂଚନା ଅନୁସାରେ, ପୌରାଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୋଧରେ ଅନାସ୍ଥା ପାଇଁ ମ୍ୟୁନିସିପାଲିଟିର ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ ଅନାସ୍ଥା ପାଇଁ ଆବେଦନ କରିଥିଲେ। ଆବେଦନର ଅନୁଧ୍ୟାନ କରି ଜିଲାପାଳ ପୌର ପରିଷଦ ଆଇନର ଧାରା ୫୪(୨) ଅନୁସାରେ ଆସନ୍ତା ୨୩ ତାରିଖ ଦିନ ଏହା ଉପରେ ଆଲୋଚନା ଏବଂ ଆବଶ୍ୟକ ସ୍ଥଳେ ମତଦାନ ପାଇଁ ଚିଠି ନଂ ୬୭୪/୧୫-୪-୨୪ କ୍ରମେ ନୋଟିସ ଜାରୀ କରିଥିଲେ। ପୌରାଧକ୍ଷା ଏହି ନୋଟିସ ବିରୋଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ସୋମବାର ଶୁଣାଣି କରି ସ୍ଥଗିତାଦେଶ ଦେଇଛନ୍ତି। ସ୍ମିତାରାଣୀ ଗତ ପୌର ନିର୍ବାଚନରେ ବିଜେପି ପକ୍ଷରୁ ନିର୍ବାଚନ ଲଢି ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ଗତ କିଛି ଦିନ ଧରି ତାଙ୍କ ବିରୋଧରେ କାଉନସିଲରମାନଙ୍କ ଅସନ୍ତୋଷ କୁହୁଳୁଥିବାବେଳେ ନିୟମ ଅନୁସାରେ ଦୁଇ ବର୍ଷ ପୂର୍ତ୍ତି ହେବା ପରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ସୂଚନାଯୋଗ୍ୟ, ଏବେ ୧୩ ଜଣିଆ କାଉନସିଲରେ ବିଜେଡିର ୭ ଜଣ କାଉନସିଲର ଥିବାବେଳେ ବିଜେପିର ୪ ଓ ଦୁଇ ଜଣ ସ୍ୱାଧୀନ କାଉନସିଲର ଅଛନ୍ତି। ନିଜେ ପୌରାଧକ୍ଷା ବିଜେପି ଦଳର ହୋଇଥିବାବେଳେ ଅନାସ୍ଥା ଆଣିଥିବା ୧୧ ଜଣଙ୍କ ମଧ୍ୟରେ ୨ ଜଣ ବିଜେପି କାଉନସିଲର ସାମିଲ ଅଛନ୍ତି।

## ନାମାଙ୍କନ କଲେ ତାରା: 'ମୋ ସମୟରେ ସର୍ବାଙ୍ଗୀନ ବିକାଶ ହୋଇଛି'



ଜୟପୁର,୨୩/୪ (ନି/ପ୍ର): ନିଜ ସମର୍ଥକଙ୍କ ସହ ବିରାଟ ରାଲିରେ ଆସି ଆଜି ନାମାଙ୍କନ ଦାଖଲ କରିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି। ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ନିକଟରେ ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାପରେ ନିଜ ପ୍ରତିକ୍ରିୟାରେ ବାହିନୀପତି କହିଥିଲେ, ଗତ ୧୦ବର୍ଷରେ ଜୟପୁରର ବିକାଶ ହୋଇଛି। କ'ଣ ନ ହୋଇଛି ମୋ ସମୟରେ। ବିଶ୍ୱବିଦ୍ୟାଳୟଠୁ ଆରମ୍ଭ କରି ଗ୍ରାମାଂଚଳକୁ ସର୍ବାଧିକ କିମି ରାସ୍ତା ଓ ସେତୁ ନିର୍ମାଣ, ବିମାନ ଚଳାଚଳ, ପାଣି, ବିଦ୍ୟୁତ୍ ସେବା ସବୁ କିଛି ପାଇଛନ୍ତି ଲୋକେ। ଆଗକୁ ମଧ ବିକାଶର ଧାରା ଜାରି ରହିବ। ଦୁର୍ନୀତି ବିରୋଧରେ ଲଢ଼େଇ ଚାଲିଛି, ଆଗକୁ ଚାଲିବ ବୋଲି ତାରା କହିଥିଲେ। ପୂର୍ବାହ୍ନ ୧୦ଟାରେ ଭଗବତୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପ୍ରଚାରରେ ସାମିଲ୍ ହୋଇଥିଲେ ତାରା। ହଜାର ହଜାର ସମର୍ଥକଙ୍କ ଗହଣରେ ତାରା ରାଜନଅରରୁ ରାଲିରେ ବାହାରି ଟ୍ରାଫିକ୍ ଛକ, ଖ୍ରୀଷ୍ଟିଆନ୍ ପେଟା, ଲକ୍ଷ୍ମୀ ପଣ୍ଡା ଛକ, ଜୟନଗର ରାସ୍ତା ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। ରାସ୍ତାରେ ଜଗନ୍ନାଥ ମନ୍ଦିର, ଜଗତଜନନୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଚର୍ଚ୍ଚ, ମସଜିଦ୍‌ରେ ପ୍ରାର୍ଥନା କରିଥିଲେ ତାରା। ନାମାଙ୍କନ ଶୋଭାଯାତ୍ରାରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଡିସିସି ସଭାପତି ଶଶୀଭୂଷଣ ପାତ୍ର, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ନଗର କଂଗ୍ରେସ ସଭାପତି ନିହାର ରଞ୍ଜନ ବିଷୋୟୀ ପ୍ରମୁଖ ସାମିଲ୍ ହୋଇଥିଲେ।

## ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଜେପି ପାର୍ଥି ଙ୍କ ନାମାଙ୍କନ ଦାଖଲ

ମାଲକାନଗିରି,୨୩/୪ (ନି/ପ୍ର): ମାଲକାନଗିରି ବିଧାନସଭା କ୍ଷେତ୍ରର ବିଜେପି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମୀ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ନରସିଂହ ନିଜର ସମର୍ଥକମାନଙ୍କ ସହ ପଦଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। ଆତଶବାଜୀ ଓ ବାଦ୍ୟର ତାଳେ ତାଳେ ଜୟ ଶ୍ରୀରାମ ଧ୍ୱନୀରେ ସହର ପ୍ରକମ୍ପିତ ହୋଇ ଉଠୁଥିଲା। ଶହ ଶହ ସମର୍ଥକଙ୍କ ସହ ନରସିଂହ ଲୋକଙ୍କୁ ପ୍ରଣାମ ଜଣାଇ ବିଜୟର ଆଶିର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଆଜି ଦୁଇ ନିର୍ବାଚନ ମଣ୍ଡଳୀର ପ୍ରଥମ ପ୍ରାର୍ଥୀ ଯିଏ କି ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ୨୫ ତାରିଖ ଶେଷ ଦିନ ରହିଥିବାରୁ ଆଜିଠାରୁ ନାମାଙ୍କନ ପତ୍ର ପଡିବା ଆରମ୍ଭ ହେଲା। ୨୦୧୯ରେ ବିଜେପି ମାଲକାନଗିରି ବିଧାନସଭା ଆସନକୁ ଅତି ସହଜରେ ହାସଲ କରିଥିବା ବେଳେ ଏଥର ମଧ ବିଜୟ ଧାରା ଜାରି ରହିବ ବୋଲି ବିଜେପି ଦୃଢୋକ୍ତି ପ୍ରକାଶ କରିଛି। ଆସନ୍ତା ୨୪ ଓ ୨୫ ତାରିଖରେ ସମସ୍ତ ବିଧାୟକ ପ୍ରାର୍ଥୀ ନିଜ ନିଜ ନାମାଙ୍କନ ଦାଖଲ କରିବେ ବୋଲି ଜଣାପଡିଛି। ତିନି ପ୍ରମୁଖ ଦଳର ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଲୋକେ ଏଥର କାହାକୁ ନିଜର ବିଧାୟକ ବାଛିବେ ଚିନ୍ତାରେ ପଡିଛନ୍ତି। ଗତ ନିର୍ବାଚନରେ ମାଲକାନଗିରି ବିଧାନସଭା ଆସନରେ ବିଜେପି ବିଜୟ ନେଇ ସ୍ୱଷ୍ଟ ବାରି ହୋଇପଡୁଥିବା ବେଳେ ଏଥର କିନ୍ତୁ କଡା ଟକ୍କର ହେବ ବୋଲି କୁହାଯାଉଛି। ତେବେ ଆଜି ନରସିଂହ ନିଜ ନାମାଙ୍କନ ପତ୍ର ଦାଖଲ କରି ପ୍ରଚାରକୁ ଆହୁରି ଜୋରଦାର କରିବେ ବୋଲି କହିଛନ୍ତି। ଆଜିର ନାମାଙ୍କନ ପତ୍ର ଦାଖଲ ବେଳେ ଜିଲ୍ଲା ସଭାପତି ନିମାଇଁ ପାଲ,ପୂର୍ଣ୍ଣିମା କେରକେଟା, ପୂର୍ବତନ ସଭାପତି ଅଶୋକ ପରିଡା, ଶ୍ରୀ ଆର୍ଯ୍ୟ, କମଲେସ ଉପସ୍ଥିତ ଥିଲେ।

## ରାତି ଅଧରେ ଘୁରି ବୁଲୁଛି ସନ୍ଦିଗ୍ଧ ଯୁବତୀ ! ପୁଲିସ ପାଖରେ ଖବର ନାହିଁ



ସମ୍ବଲପୁର,୨୩/୪ (ନି/ପ୍ର): ସ୍ଥାନୀୟ ସାକ୍ଷୀପଡ଼ା ଅଂଚଳରେ ଜଣେ ସନ୍ଦିଗ୍ଧ ଯୁବତୀ ଘୁରି ବୁଲୁଥିବାବେଳେ ପୁଲିସ ନିକଟରେ ଏନେଇ କୌଣସି ଖବର ନ ଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ଜଣେ ଯୁବତୀ କିଛି ଦିନ ହେବ ଅଂଚଳରେ ରାତି ଅଧରେ ଘୁରି ବୁଲୁଥିବାର ଅଭିଯୋଗ ହୋଇ ଆସୁଥିଲା। ତେବେ ରବିବାର ରାତିରେ ସାକ୍ଷୀପଡ଼ାଠାରେ ଥିବା ଏକ୍ସିସ ବ୍ୟାଙ୍କ ପାଖ ଗଳିରେ ଲାଗିଥିବା ସିସିଟିଭିଗୁଡିକରେ ରାତ୍ରି ପ୍ରାୟ ୩ଟା ରୁ ୪ଟା ମଧରେ କଏଦ ହୋଇଥିବା ବିଭିନ୍ନ ଦୃଶ୍ୟରେ ଜଣେ ଯୁବତୀ ପ୍ରଥମେ ଏକ ଘର ଉପରୁ ତଳକୁ ଡେଇଁଥିଲେ। ଏହାପରେ ଉକ୍ତ ଘରର ପାଚେରୀ (ପ୍ରାୟ ୬ ଫୁଟ)କୁ ଡେଇଁ ଏଣେ ତେଣେ ବୁଲିବା ପରେ ବ୍ୟାଙ୍କ କଡରେ ଥିବା ଗଳିରେ ବେଶ୍ କିଛି ସମୟ ଧରି ବୁଲା ବୁଲି କରୁଥିଲେ। ଅଂଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜରୁ ସ୍ୱଷ୍ଟ ଜଣାପଡୁଛି ଯେ, ଯୁବତୀ ଜଣକ ଅଂଚଳ ସହିତ ବେଶ୍ ଭଲଭାବରେ ପରିଚିତ। ବୋଧହୁଏ କୌଣସି ଚୋରିର ଘଟଣା କିମ୍ବା ଅନ୍ୟ କିଛି ଅପରାଧିକ ଗତିବିଧିରେ ସେ ଲିପ୍ତ ଥାଇ ପାରନ୍ତି ବୋଲି ଅଂଚଳରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଘର ଉପରୁ ଯୁବତୀ ଜଣକ ଡେଇଁବା ଏବଂ ଏହାପରେ ପ୍ରାୟ ୬ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ପାଚେରୀ ଡେଇଁବା ଘଟଣା ସମସ୍ତଙ୍କୁ ଚକିତ କରୁଛି। ଏଥିରୁ ଅନୁମାନ କରାଯାଉଛି ଯେ, ଯୁବତୀ ଜଣକ ଜଣେ ବୃତିଗତ ଅପରାଧି। ଏହି ଘଟଣା ଜଣାପଡ଼ିବା ଏବଂ ଭାଇରାଲ ହେବା ପରେ ଖବର ପୁଲିସ ପାଖକୁ ଯାଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଧନୁପାଲି ପୁଲିସ କହିଛି ଯେ, ଏଭଳି ଏକ ଘଟଣା ଘଟିଥିବାର ନଜରକୁ ଆସିଛି। ତେବେ ଏ ପର୍ଯ୍ୟନ୍ତ ଯୁବତୀର ପରିଚୟ ଜଣାପଡ଼ି ନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ପୁଲିସ କହିଛି।




# କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀଙ୍କ ବିଜୟ ମନ୍ତ୍ର



ରାଉରକେଲା, ୨୩/୪ (ନି/ପ୍ର) : ଆଜି ବିଜେପି ରଘୁନାଥପଲ୍ଲି ବିଧାନ ସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଉଲକେଲା ଛେଣ୍ଡସ୍ଥିତ ହୋଟେଲ ମେଫେୟର ହକି ଭିଲେଜ୍ ପରିସରରେ ଅନୁଷ୍ଠିତ ହୋଇ ଥିଲା । ସମୁହିକ ବନ୍ଦେ ମାତରଂ ଗାନ କରାଯାଇ ଶୁଭାରମ୍ଭ କରାଯାଇ ଥିଲା । ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ବା ସହିତ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ମୁଖପାତ୍ର ତାଙ୍କ ବକ୍ତବ୍ୟରେ ଚଳିତ ନିର୍ବଚନ ଡବଲ ଇଞ୍ଜିନ ସରକାର ଗଢିବାର ସମୟ ଅପେକ୍ଷାରେ ଜନତା ରହିଛନ୍ତି ବୋଲି ପ୍ରକାଶ କରିଥିଲେ । ଆମ ଜୀବନ ରାଷ୍ଟ୍ର ପାଇଁ ସମର୍ପିତ ଏବଂ ବିଜେପି ହେଉଛି ଆମର ଆଧାର ଓ ଜୀବନ । ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରଧାନ ମନ୍ତ୍ରୀ ମୋଦିଜୀଙ୍କ ସ୍ୱପ୍ନ ଅଖଣ୍ଡ , ସ୍ୱର୍ଣ୍ଣ ଓ ସମୃଦ୍ଧ ଭାରତ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବା ସହିତ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ୪୦୦ ପାରକୁ କାର୍ଯ୍ୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଲୋକସଭା ବିସ୍ତାରକ ଆଶିଷ ଠାକୁର ବୁଥ ଓ ଶକ୍ତି କେନ୍ଦ୍ରର ମୂଲ୍ୟାଙ୍କନ କରିବା ସହିତ ନିର୍ବାଚନ ସମୟରେ ସୈନିକ ଭଳି କାର୍ଯ୍ୟ କରିବାକୁ ଗୁରୁତ୍ୱ ଆରୋପ କରିଥିଲେ । ପୂର୍ବତନ ବିଧାୟକ ପ୍ରାର୍ଥୀ ସନ୍ତୋଷ ବେହେରା ରାଜ୍ୟରେ ସରକାର ପରିବର୍ତ୍ତନ ପାଇ ଜନତା ଙ୍କ ମନ କରିଥିବା ପ୍ରକାଶ କରିଥିଲେ । ରାଉରକେଲା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରିବାପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲକୋ ବିଜେପି ହିଁ କର୍ମୀଙ୍କ ପାର୍ଟି ବୋଲି ପ୍ରକାଶ କରି ଥିଲେ । ରଘୁନାଥ ପଲ୍ଲି ବିଧୟଜ ପ୍ରାର୍ଥୀ ଦୁର୍ଗା ତନ୍ତୀ ବିଜେପିରେ କିଭଳି ଜଣେ କର୍ମୀରୁ ସେ ବିଧାୟକ ପ୍ରାର୍ଥୀ ହୋଇ ପାରିଛନ୍ତି ତା ଉପରେ ଆଲୋକ ପାତ କରିବା ସହିତ ଚଳିତ ନିର୍ବାଚନରେ ଆମେ ସମସ୍ତେ ମିଶି ସମସ୍ତ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କଠିନରୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ କରିଥିଲେ । ତାଙ୍କ ବକ୍ତବ୍ୟରେ ଜସ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଗରିବଙ୍କ ଉନ୍ନତି, କିଷାନଙ୍କ କଲ୍ୟାଣ , ମହିଳାଙ୍କ ସଶକ୍ତି କରଣ, ସେବାକୁ ଯୁବକଙ୍କୁ ନୂଆ ଅବସର, ଆତଙ୍କପର ପ୍ରହାର, ଭ୍ରଷ୍ଟାଚାରୀଙ୍କ ଉପରେ କାରବାର, ମଜବୁତ ଭାରତ ଓ ସମୃଦ୍ଧି ଭାରତ ଗଠନ ପାଇଁ ଦେଇଥିବା ଆହ୍ୱାନକୁ ଉପସ୍ଥାପନା କରିଥିଲେ । କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ ନିତାନ୍ତ ଆବଶ୍ୟକ ଓ ଆମେ ବଦ୍ଧ ପରିକର ବୋଲି ଦୃଢ ସ୍ୱରରେ କହିଥିଲେ । ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କଠିନ ପରିଶ୍ରମ କରିବା ସହିତ ଘର ଘର ବୁଲି ଓ ପଦ ଯାତ୍ରା କରି ଜନତାଙ୍କ ପାଖରେ ପହଁଚିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଉପରୋକ୍ତ ନେତୃବୃନ୍ଦ ସହିତ ମଂଚାସିନ ଥିଲେ ରଘୁନାଥପଲ୍ଲି ବିଧାନ ସଭା କ୍ଷେତ୍ର ପ୍ରଭାରୀ ଶଶାଙ୍କ ଶେଖର ଜେନା, ଜିଲ୍ଲା ଉପସଭାପତି ମଳୟ ମହାପାତ୍ର, ଜିଲ୍ଲା ସମ୍ପାଦକ ତଥା ମଣ୍ଡଳ ପ୍ରଭାରୀ ସସ୍ମିତା ପାଢ଼ୀ, ବିସ୍ତାରକର ଶ୍ୟାମ ନାୟକ, ପଶ୍ଚିମ ମଣ୍ଡଳ ସଭାପତି ସନ୍ତୋଷ ବିରାଟ, ପୂର୍ବ ମଣ୍ଡଳ ସଭାପତି ମନୋଜ ସେନାପତି, ଫର୍ଟିଲାଇଜର ମଣ୍ଡଳ ସଭାପତି ସନ୍ତୋଷ ଦାସ ଓ ଲାଠିକଟା ମଣ୍ଡଳ ସଭାପତି ଅମୃତ ଲାଲ ଓରାମ । ମଂଚ ପରିଚାଳନା କରିଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଜିଲ୍ଲା ସଂପାଦକ ଅଜୟ କଂସାରୀ । ଏହି କାର୍ଯ୍ୟକ୍ରମରେ ୫୦୦ ରୁ ଉର୍ଦ୍ଧ କର୍ମୀ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଚୈତ୍ର ପୂର୍ଣ୍ଣିମା ଖଡି ଶାହରୁଲ ପର୍ବ ଅବସରରେ ପୂଜାର୍ଚ୍ଚନା



ରାଉରକେଲା ,୨୩/୪ (ନି/ପ୍ର ):ସହରର ରାଉରକେଲା ସରକାରୀ ଡାକ୍ତରଖାନା ନିକଟସ୍ଥ ଦୁର୍ଗାପୁର ମୌଜା ଅନ୍ତର୍ଗତ ପଡାବେର୍ଣ୍ଣା ଡାଇନମରା ସାରନା ଠାକୁରାଣୀଙ୍କ ପୀଠ ସ୍ଥଳୀରେ କମିଟିର ପଦାଧିକାରୀଙ୍କ ଦ୍ୱାରା ପୂଜାଅର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଶାହରୁଲ ଫୁଲ, ନୂଆ ଧାନ, ଫଳ ଅର୍ପଣ କରାଯାଇ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପାହାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଚମରା ଓରାମ, ଖରଗା ଓରାମ, ଗହନୁ ଓରାମ, ମଙ୍ଗଲ ଓରାମ, ଅମରନାଥ ଓରାମ, ଫାଗୁ ଓରାମ, ଲାଖୋଁ ଓରାମ, ଗଜେନ୍ଦ୍ର ତିର୍କୀ, ଗୌତମ ଟପ୍ପୋଙ୍କ ସମେତ ସମାଜର ଶହ ଶହ ଲୋକ ଏଥିରେ ଯୋଗ ଦେଇଥିଲେ । ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ପାରମ୍ପରିକ ବାଦ୍ୟ ସହିତ ଲୋରେଟୋ ଇଂଲିସ୍ ସ୍କୁଲ ସମ୍ମୁଖରୁ ବାହାରି ମୁଖ୍ୟ ରାସ୍ତା ଦେଇ ଓରାମପଡା ଠାରେ ପହଚିଂଥିଲା । ଶୋଭାଯାତ୍ରା ପହଚିଂବା ପରେ ଶୋଭାଯାତ୍ରାରେ ସମ୍ପୃକ୍ତ ଥିବା ଲୋକମାନଙ୍କୁ ମହିଳାମାନେ ସର୍ବତ୍ ପିଆଇବା ସହିତ ସ୍ୱାଗତ କରାଯାଇଥିଲା । ଆଜି ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ସ୍ଥାନରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ । ଆଜି ଚୈତ୍ର ପୂର୍ଣ୍ଣିମା, ସାରହୁଲ ପୂଜାକୁ ନେଇ ପୂଜା ସ୍ଥଳରେ ଭିଡ ଦେଖାଯାଇଥିଲା । ସନ୍ଧ୍ୟାରେ ପୂଜାର୍ଚ୍ଚନା ସହିତ ସମାଜର ଲୋକମାନଙ୍କ ଦ୍ୱାରା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



ବିଭିନ୍ନ ଆଖଡ଼ା କମିଟିର ପଦାଧିକାରୀ ଏସପି ବ୍ରିଜେଶ କୁମାର ରାୟଙ୍କୁ ଶାନ୍ତିଶୃଙ୍ଖଳା ସହ ଜୁଲୁସ ବାହାରିବାକୁ ନେଇ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି

# ଭୋଟର ସଚେତନତା କାର୍ଯ୍ୟକ୍ରମ



ସୁନ୍ଦରଗଡ଼, ୨୩/୪ (ନି/ପ୍ର): ସୁନ୍ଦରଗଡ଼ର ବିଭିନ୍ନ ଅଚଂଳରେ ଆଜି ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଠାରେ ଯୁବ ଭୋଟର ମାନଙ୍କ ମଧ୍ୟରେ ମତଦାନ ନିମନ୍ତେ ଜନସଚେତନତା ସୃଷ୍ଟି କରିବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦୁଃଖବନ୍ଧୁ ନାୟକ, ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ବିରେନ୍ଦ୍ର ପଟେଲ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଭୋଟଦାନ ପ୍ରକ୍ରିୟା, ଇ. ଭି. ଏମ୍ . ମେସିନ ରେ କିଭଳି ମତଦାନ କରିବେ ଆଦି ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ପରେ ପରେ ଛାତ୍ର ଛାତ୍ରୀ ମତଦାନ କରିବା ନେଇ ଶପଥ ପାଠ କରିଥିଲେ । ସେହିପରି ସଦର ବ୍ଲକ ଅନ୍ତର୍ଗତ ବିରବିରା ମହାବିଦ୍ୟାଳୟ ଠାରେ ମଧ୍ୟ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ମୋତିଲାଲ ସୁଲିଆ , ଜି.ପି.ଓ. , ପି. ଇ.ଓ, ଏବଂ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କୁଇଜ୍ ମାନ ମାଧ୍ୟମରେ ମତଦାନ ନିମନ୍ତେ ଜନସଚେତନତା ସୃଷ୍ଟି କରିଥିଲେ ଏବଂ ଭୋଟ ଦାନ ପାଇଁ ଶପଥ ପାଠ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ବହୁ ସଂଖ୍ୟା ରେ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଭୋଟ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ ।

# ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ-ବିଜୁ ଶ୍ରମିକ ସାମୁଖ୍ୟର ଦୃଢୋକ୍ତି

ରାଉରକେଲା, ୨୩/୪ (ନି/ପ୍ର):ରାଉରକେଲାର ଭଞ୍ଜ ଭବନ ଠାରେ ଆୟୋଜିତ ବିଜୁ ଶ୍ରମିକ ସାମୁଖ୍ୟ ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀର ରାଜ୍ୟ ସାଧାରଣ ସମ୍ପାଦକ ତଥା ଶ୍ରମିକ ନେତା ସୁବାସ ସିଂ ତାଙ୍କ ବକ୍ତବ୍ୟରେ ଶ୍ରମିକ କଲ୍ୟାଣ କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ବିକଶିତ ଓଡ଼ିଶାର ରୂପାନ୍ତିକରଣ ପ୍ରକ୍ରିୟାରେ କିଭଳି ଶ୍ରମିକ ମାନେ ଅଧିକରୁ ଅଧିକ ଉପକୃତ ହେବେ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ଧାରା ଓ ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ ବୋଲି କହିଥିଲେ । ଏହି ସମ୍ମିଳନୀକୁ ଓଡ଼ିଶା ସରକାର ଙ୍କ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉଦଘାଟନ କରିଥିଲେ ଏବଂ ତାଙ୍କ ଭାଷଣରେ ନିର୍ମାଣ ଶ୍ରମିକ ଙ୍କ ଠାରୁ ଆରମ୍ଭ କରି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର ଶ୍ରମିକ କର୍ମଚାରୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପ ସମ୍ମିଳନୀରେ ଆଲୋଚନା କରିଥିଲେ ଏବଂ ସର୍ବନିମ୍ନ ମଜୁରୀ କ୍ଷେତ୍ରରେ ଏକ କାଳୀନ ଟ୧୦୦ ବୃଦ୍ଧି ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ଓଡ଼ିଶା ବିଦ୍ୟୁତ ମହାସଂଘ ର ନେତା ରାଜୀବ ମହାନ୍ତି ଏବଂ ଅଲ୍ ଓଡିଶା ଅଟୋ ଟ୍ରାନ୍ସପୋର୍ଟ ୱର୍କର୍ସ ମହାସଂଘ ର



ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ ଉଦବୋଧନ ଦେଇ କହିଲେ ଯେ ବିଦ୍ୟୁତ କର୍ମଚାରୀ ଙ୍କ ବୀମା ରାଶି ବୃଦ୍ଧି,ପରିବହନ ଶ୍ରମିକ ଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ କରିଥିବାରୁ ମୁଖ୍ୟମନ୍ତ୍ରୀ ଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ସଭାରେ ବିଜୁ ଶ୍ରମିକ ସାମୁଖ୍ୟ ର ରାଜ୍ୟ ସଂଯୋଜକ ତଥା ଉପସଭାପତି ବୈଦ୍ୟନାଥ ଦାସ ତାଙ୍କର ଭାଷଣରେ କହିଥିଲେ ଯେ ଶ୍ରମିକ ମାନଙ୍କ ଆର୍ଥିକ ଉନ୍ନତି ଏବଂ ରାଜ୍ୟ ର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡିତ, ଏକଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୃଦୟଙ୍ଗମ କରିଥିବାରୁ ବିଭିନ୍ନ ବର୍ଗର ଶ୍ରମିକଙ୍କର କଲ୍ୟାଣ କ୍ଷେତ୍ରରେ ସାରା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଥିବା ସମୟରେ ଦୁର୍ଭାଗ୍ୟର କଥା କେନ୍ଦୁପତ୍ର କର୍ମଚାରୀ ମାନଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର ଜିଏସଟି ପ୍ରତ୍ୟାହାର ନ କରି ବଂର ବୃଦ୍ଧି କରିଛନ୍ତି । ଏଥିରୁ ଶ୍ରମିକ କର୍ମଚାରୀ ମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଜଣାପଡୁଛି ।ଏ ନେଇ କେନ୍ଦ୍ର ସରକାର ଙ୍କୁ ବାରମ୍ବାର ଦାବି ସନ୍ତ୍ୱେ ଜିଏସଟି ବୃଦ୍ଧି ପ୍ରତ୍ୟାହାର କରୁନାହାନ୍ତି । ଓଡ଼ିଶା ର ଶ୍ରମିକ ସମାଜ ନବୀନ ବାବୁ ଙ୍କ ଶ୍ରମିକ ଦରଦୀ ମନୋଭାବ ପ୍ରତି କୃତଜ୍ଞତା ଏବଂ ସମ୍ମାନ ଜଣାଇ ଷଷ୍ଠ ଥର ଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶାରେ ଅବସ୍ଥାପିତ କରିବା ପାଇଁ ନିବେଦନ କରିଛନ୍ତି । ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଅଧ୍ୟକ୍ଷତା କରି ତାଙ୍କର ସଭାପତିତ୍ୱ ଭାଷଣରେ କହିଥିଲେ ଯେ ଶ୍ରମିକ କଲ୍ୟାଣ ସହ ସମାଜର ଆର୍ଥିକ ଦୁର୍ବଳ ଓ ଅନଗ୍ରସର ଶ୍ରେଣୀ ,ମହିଳା ସଶକ୍ତିକରଣ, ପଇସା ଅଭାବରୁ କେହି ଶିକ୍ଷା ରୁ ବଂଚିତ ହେବନାହିଁ ଏଭଳି ଏକ ଦୃଢ଼ ପଦକ୍ଷେପ ନେଇଥିବାରୁ ଆମେ ସମସ୍ତେ ଏକ ହୋଇ ଆଗାମୀ ଦିନରେ ନବୀନ ବାବୁ ଙ୍କ ର ନେତୃତ୍ୱ କୁ ରାଜ୍ୟ ରେ ଏବଂ ଦେଶରେ ମଜବୁତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ଦରକାର । ଏହି ସମ୍ମିଳନୀରେ ଜିଲ୍ଲାର କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଂଗଠନ ଯଥା ବିଶ୍ରାମୁଣ୍ଡା ଶ୍ରମ ମଙ୍ଗଳ ସମିତି,ଜନ ଶକ୍ତି ନିର୍ମାଣ ଶ୍ରମିକ ସଭା, ଜନତା ମଜଦୁର ସଂଘ, ସୁନ୍ଦରଗଡ଼ ଅଟୋ ୱର୍କର୍ସ ଆସୋସିଏସନ୍, ଟାଟା ପାୱାର ଏମ୍ପୋଲୋଇଜ ୟୁନିଅନ, ଜନଶକ୍ତି ନାରୀ କଲ୍ୟାଣ ମଂଚ ଏବଂ ୱର୍କର୍ସ ସଂଗଠନ ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଯୋଗ ଦେଇ ସମ୍ମିଳନୀକୁ ସଫଳ କରିଥିଲେ । ବିଶେଷ ଭାବରେ ବିଶ୍ରାମୁଣ୍ଡା ଶ୍ରମ ଶକ୍ତି ସଂଗଠନ ଓ ବିଶ୍ରାମୁଣ୍ଡା ଯୁବା ଶ୍ରମ ଶକ୍ତି ସଂଗଠନ, ନାରାୟଣୀ ଶ୍ରମିକ ସଂଘ,ଆମ ଶ୍ରମିକ ସଂଘ ର ନେତା ଓ ନେତ୍ରୀ ସର୍ବଶ୍ରୀ ପ୍ରଶାନ୍ତ ମାଝୀ, ଗୌରୀ ମୁଣ୍ଡାରୀ, ଜଗନ୍ନାଥ ସାହୁ, ସୁନନ୍ଦା ନାଥ,ରବି କୁଜୁର ଙ୍କ ସହିତ ଶହ ଶହ ସଂଖ୍ୟା ରେ ଆସି ବିଜୁ ଶ୍ରମିକ ସାମୁଖ୍ୟ ରେ ସାମିଲ ହୋଇଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉନରୀୟ ଦେଇ ସ୍ୱାଗତ କରାଯାଇଥିଲା । ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ଆନନ୍ଦ ଚନ୍ଦ୍ର ମହାନ୍ତି, ରାଉରକେଲା ମଜଦୁର ସଭା ର ସାଧାରଣ ସମ୍ପାଦକ ଶ୍ରଅକ୍ଷୟ କୁମାର ନାୟକ, ରାଜ୍ୟ ହିନ୍ଦ୍ ମଜଦୁର ସଭା ର ସମ୍ପାଦକ ପ୍ରମୋଦ କୁମାର ଦାସ,ସିଅର ନେତା ହେମନ୍ତ ବେହୁରିଆ, କେଦାରନାଥ ଦାସ, ଗଗନ ବିହାରୀ ସାହୁ,ଭୁବନ ବେହେରା, ଇଶ୍ୱର ଚନ୍ଦ୍ର ଭଞ୍ଜ, ବାବୁଲା ଦାସ, ଲିଜା ମହାରଣା ମଂଚାସୀନ ହୋଇଥିଲେ । ସମ୍ମିଳନୀ କୁ ସଫଳ କରିବା ପାଇଁ କଳାକାର ସାହୁ, ସିଦ୍ଧେଶ୍ୱର ବଳ, ସନ୍ତୋଷ ନାୟକ, ରବିନାରାୟଣ ମଲ୍ଲିକ, ମୋନାଲିସା ଲେଙ୍କା, ଛୋଟୁ ଖାଡିଆ, ଗୀତା ମଲ୍ଲିକ ବାବୁଲି ମହାରଣା ଓ ଅନ୍ୟ ମାନେ ସହଯୋଗ କରିଥିଲେ । ଶେଷରେ ପ୍ରମୋଦ କୁମାର ଦାସ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ।

# ବିଜେପିରେ ଯୋଗଦେଲେ ସହସ୍ରାଧିକ ସମର୍ଥକ



ରାଉରକେଲା, ୨୩/୪ (ନି/ପ୍ର): ଆଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ବାସଭବନ କଲ୍ୟାଣୀ ଠାରେ ରାଉରକେଲାର ଟିମ୍ବର କଲୋନୀ, ପାନପୋଷ, ଗଂଗାଧରପାଲ୍ଲୀ, ବନ୍ଧମୁଣ୍ଡା ଏବଂ ରାଜଗାଙ୍ଗପୁର ଅଚଂଳର ବହୁ ସଂଖ୍ୟାରେ ବିଜେଡି କର୍ମୀ ପ୍ରକାଶ ମହାନ୍ତି, ମଧୁ ବେହେରା, ଶୁକ୍ରୁ ବିଭାର, ମହିଳା ନେତ୍ରୀ ମିନତୀ ଦେବତା, ନରସିଂହ ମିଞ୍ଜଙ୍କ ନେତୃତ୍ୱରେ ଏବଂ ଦିଲ୍ଲିପ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାରତୀୟ ଜନତା ପାର୍ଟିରେ ଯୋଗଦେବା ସହିତ ରାଉରକେଲା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ଜିତାଇବାକୁ ସଂକଳ୍ପ ନେଇଥିଲେ । ପ୍ରାର୍ଥୀ ଦିଲ୍ଲୀପ ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଉରକେଲା ସହରରେ ରାସ୍ତା ଓ ଆଲୋକ ବ୍ୟବସ୍ଥା ଭଲ ହୋଇଥିଲେ ମଧ୍ୟ ଆଭ୍ୟନ୍ତରୀଣ ଅଚଂଳରେ ରାସ୍ତାଘାଟ, ନାଳନର୍ଦ୍ଦମା ଏବଂ ନିଯୁକ୍ତି କ୍ଷେତ୍ରରେ ରାଉରକେଲା ବହୁ ପଛରେ ପଡିଯାଇଛି । ନିର୍ବାଚନରେ ସେ ବିଜୟଲାଭ କଲେ ରାଉରକେଲାର ଉନ୍ନତି ପ୍ରତି ବିଶେଷ ଧ୍ୟାନ ଦେବା ସହିତ ଏହି ସମସ୍ତ ବିଷୟ ପ୍ରତି ଅଧିକ ଧ୍ୟାନ ଦେବେ ।

# ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଲେ ଶ୍ରମମନ୍ତ୍ରୀ

ରାଉରକେଲା, ୨୩/୪ (ନି/ପ୍ର): ରାଉରକେଲା ରେଲୱେ ଷ୍ଟେସନ ନିକଟ ସଂକଟମୋଚନ ମନ୍ଦିର ପକ୍ଷରୁ ଆଜି ହନୁମାନ ଜୟନ୍ତୀ ମହୋତ୍ସବକୁ ନେଇ ମନ୍ଦିରକୁ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା । ସକାଳ ୫.୩୦ରେ ଝୁଲାରେ ହନୁମାନ ଜନ୍ମଉତ୍ସବ, ବଳ ସ୍ୱରୂପ ସିଙ୍ଗାର, ଛପନ ଭୋଗର ଆୟୋଜନ କରାଯାଇଥିଲା । ମନ୍ଦିରର ନନା ସୁଦାମା ପାଣ୍ଡେ , ବାଦାମା ପାଣ୍ଡେଙ୍କ,ଦିନେଶ ଚୌବେ ଦ୍ୱାରା ବିଧିବିଧାନରେ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନ ୧୨.୩୦ ରୁ ବିଶାଳ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ଯେଉଁଥିରେ ଶତାଧିକ ଭକ୍ତ ସପରିବାର ଯୋଗଦେଇ ପ୍ରସାଦ ସେବନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ତଥା ବିଜେଡ଼ିର ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ । ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପ୍ରସାଦ ଗ୍ରହଣ କରିଥିଲେ । ତାଙ୍କ ସହ ପ୍ରବୀଣ ଗର୍ଗ, ସୁରେଶ ଶର୍ମା , ବିସୁ ଦେ, ଲକ୍ଷ୍ମୀ ସିଂଙ୍କ ସମେତ ଅନ୍ୟ ସମର୍ଥକେ ସାମିଲ ଥିଲେ । ଆଜି ହନୁମାନ ଜୟନ୍ତୀକୁ ନେଇ ସଂକଟମୋଚନ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା ।

